## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳିକା ମୃତ

ବାସୁଦେବପୁର,୨୫।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ୧୦ ନଂ. ୱାର୍ଡ ବାଲିନଗର ଗ୍ରାମରେ ଶନିବାର ପୂର୍ବାହ୍ନରେ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ବାଲିନଗର ଗ୍ରାମର ସନିଆ ମଲିକଙ୍କ ଝିଅ ମାମୁନି ମଲିକ(୧୨)। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ପୋଖରୀରୁ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନାଳରୁ ମିଳିଲା ନିଖୋଜ ଯୁବତୀଙ୍କ ମୃତଦେହ

ବାସୁଦେବପୁର,୨୫।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ସଂଲଗ୍ନ ଏକ ନାଳରୁ ଶନିବାର ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ମୃତା ଯୁବତୀ ହେଉଛନ୍ତି ଦଧିବାମନପୁରର ରଞ୍ଜିତା ପରିଡ଼ା(୧୯)। ସୂଚନା ଅନୁଯାୟୀ, ସେ ଦୁଇଦିନ ଧରି ନିଖୋଜ ଥିଲେ। ନାଳରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ନାୟକାଣିଡିହୀ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ତେବେ ସେ କେଉଁ ପରିସ୍ଥିତିରେ ନାଳରେ ପଡ଼ିଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୪) ରୁଜୁ ହୋଇଛି।

### ବାଇକ୍ ଧକ୍କାରେ ଭଉଣୀଭାଇ ଆହତ, ଚାଳକ ଗୁରୁତର

ଆଗରପଡ଼ା,୨୫।୫ (ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବିଶଲକଣା ଛକରେ ଶନିବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଭଉଣୀଭାଇ ଆହତ ହୋଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ଆହତ ଭଉଣୀଭାଇ ହେଲେ ବିଶଲକଣା ଗ୍ରାମର ନରହରି ଖିଲାରଙ୍କ ଝିଅ କବିତା(୧୬) ଓ ପୁଅ ଅଭିଷେକ (୧୪)। ସନ୍ଧ୍ୟାରେ ସେମାନେ ଟ୍ୟୁଶନରୁ ଫେରୁଥିଲେ। ଏହି ଥାନା ଅଧୀନ କୁଆଁସମଡ଼ିଆ ଗ୍ରାମର ବିଜୟ ବେହେରା ଭଦ୍ରକରୁ ବାଇକ୍‌ରେ ଫେରୁଥିବା ବେଳେ ଉକ୍ତ ସ୍ଥାନରେ ସେମାନଙ୍କୁ ଧକ୍କା ଦେଇଥିଲେ। ଏଥିରେ ଅଭିଷେକଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ କବିତାଙ୍କ ମୁଣ୍ଡ ଫାଟିଛି। ୩ଜଣଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ବିଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଖଡ଼ିପଦାରେ ଫାଣ୍ଡି ପ୍ରତିଷ୍ଠା ଦାବି

ଧାମନଗର,୨୫।୫ (ଦେବେନ୍ଦ୍ର ଆଦିଆ)

- ବଢ଼ି ଚାଲିଛି ଲୁଟ୍, ଛିନ୍‌ତାଇ
- ୨୦ କି.ମି. ଦୂର ଥାନା, ଖସିଯାଉଛନ୍ତି ଅପରାଧୀ

ଭଦ୍ରକ ଜିଲା ଧାମନଗର ବ୍ଲକର ଖଡ଼ିପଦାଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି। ପ୍ରଶାସନ କିମ୍ବା ଶାସକ ଦଳର ଇଚ୍ଛାଶକ୍ତି ଅଭାବରୁ ଏହା ପୂରଣ ହୋଇପାରୁ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ବିଭିନ୍ନ ସମୟରେ ଲୁଟ୍, ଛିନ୍‌ତାଇ ଭଳି କାଣ୍ଡ ଘଟାଇ ଅପରାଧୀମାନେ ପଡ଼ୋଶୀ ଯାଜପୁର ଜିଲାକୁ ଚାଲିଯିବାକୁ ସକ୍ଷମ ହେଉଛନ୍ତି। ଦୋବଲ ଜୋନ୍ ଅଧୀନରେ ଆନନ୍ଦପୁର, ପଧାନୀ, ସୋହଡ଼ା, କରଦା, ଦଳାଙ୍ଗ, ଖଡ଼ିପଦା, ଦୋବଲ ଓ ମୁସ୍ତାଫାପୁର ପଞ୍ଚାୟତ ରହିଛି। ପଧାନୀ, ସୋହଡ଼ା, ଆନନ୍ଦପୁର ପଞ୍ଚାୟତ ଭଦ୍ରକ ଏବଂ ଯାଜପୁର ଜିଲା ସୀମାନ୍ତ ଅଞ୍ଚଳ। ଧାମନଗର ଥାନା ଅଧୀନରେ ବହୁ ପଞ୍ଚାୟତ ରହୁଥିବାରୁ ପୋଲିସ ପାଟ୍ରୋଲିଂ ଗାଡ଼ି ଜାତୀୟ ରାଜପଥ ଆଡ଼କୁ ଯାଇଥିଲେ, ସେହି ସମୟରେ ଏ ଅଞ୍ଚଳରେ କୌଣସି ଅଘଟଣ ଘଟିଲେ ପୋଲିସ ଆସି ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି। ଫଳରେ ଅପରାଧୀମାନେ ଖସି ପଳାଇ ଯିବାକୁ ସକ୍ଷମ ହେଉଛନ୍ତି।

ବୈତରଣୀ ନଦୀର କ୍ଷେଣ୍ଟପୁର, ଆନନ୍ଦପୁର ଓ ଭଣ୍ଡାରିପୋଖରୀ ବ୍ଲକର ବଲ୍ଲଭିଘାଟଠାରେ ସେତୁ ହେବା ପରେ ଯାଜପୁର ଜିଲାରୁ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ, ଧାମନଗର ବ୍ଲକ ଏବଂ ଭଦ୍ରକରୁ ଯାଜପୁରକୁ ଯିବା ପାଇଁ ଏହି ୩ ସେତୁ ଦେଇ ଯାତାୟାତ ଲାଗି ରାସ୍ତାଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ୮ ଦିନ ତଳେ ଆନନ୍ଦପୁର ଛକରେ ଥିବା ଜଣେ ସୁନା ଦୋକାନୀ ଦୋକାନ ବନ୍ଦ କରି ସଟର ତାଲା ପକାଉଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ତାଙ୍କ ବାଇକ୍ ଡିକି ଖୋଲି ଅଳଙ୍କାର ନେବା ପାଇଁ ଉଦ୍ୟମ କରୁଥିଲେ। ଦୋକାନୀ ଦେଖି ଯିବା କ୍ଷଣି ଲୁଟେରାଦ୍ୱୟ କିଛି ନେଇ ନ ପାରି ଏକ ବାଇକ୍‌ରେ ଦ୍ରୁତଗତିରେ ପଳାଇ ଯାଇଥିଲେ। ବର୍ଷକ ତଳେ ଖଡ଼ିପଦା ଆନନ୍ଦପୁର ରାସ୍ତାରେ ଉଡେଇପୁର ଗ୍ରାମର ଜଣେ ଯୁବତୀ ସ୍କୁଟି ନେଇ ଯାଉଥିବା ବେଳେ ଦୁଇଜଣ ଲୁଟେରା ପଛରୁ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଦୋବଲ ବଜାର ବସ୍‌ଷ୍ଟାଣ୍ଡଠାରେ ସୋଧ ଗ୍ରାମର ଜଣେ ସୁନା ରୁପା ବ୍ୟବସାୟୀ ମଧ୍ୟ ଲୁଟ୍‌ର ଶିକାର ହୋଇଥିଲେ। ଦୋବଲ କାଳୀବଜାରର ଜଣେ ସୁନା ରୁପା ଦୋକାନୀଙ୍କ ସ୍କୁଟି ଡିକି ଭାଙ୍ଗି ଲୁଟେରାମାନେ ତାଙ୍କ ବ୍ୟାଗ୍ ନେଇଯାଇଥିଲେ। ସିସିଟିଭି ଫୁଟେଜରେ ଲୁଟେରାଙ୍କ ମୁହଁ ଦେଖାଯାଇଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଥିଲେ ମଧ୍ୟ ବର୍ଷ ବିତିଯାଇଥିବା ବେଳେ ଏଯାଏ ସୁରାକ ପାଇପାରି ନାହିଁ।

ଆନନ୍ଦପୁରଠାରୁ ବଲ୍ଲଭିଘାଟ ସେତୁ ୫ କି.ମି. ରାସ୍ତାରେ ଚୋରି, ଛିନ୍‌ତାଇ ଓ ରାହାଜାନି ବଢ଼ିବାରେ ଲାଗିଛି। ଉକ୍ତ ରାସ୍ତାରେ ଦୈନନ୍ଦିନ ମାଛ ବ୍ୟବସାୟୀମାନେ ରାତି ୪ଟାରୁ ମାଛ ଆଣିବା ପାଇଁ ଯାଜପୁର ଜିଲା ଉପରେ ନିର୍ଭର କରନ୍ତି। ଲୁଟେରାମାନେ ସେମାନଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେବା ଭଳି ଘଟଣା ଘଟୁଛି। ସେହିପରି ଦେହୁଡ଼ି ଆନନ୍ଦପୁର ଅଞ୍ଚଳର କେତେଜଣ ବ୍ୟବସାୟୀ ଯାଜପୁରରୁ ଦୋକାନ ବନ୍ଦ କରି ରାତିରେ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହେଉଛନ୍ତି। ଉକ୍ତ ଅଞ୍ଚଳ ଭଣ୍ଡାରିପୋଖରୀ ଥାନା ଅଧୀନରେ ରହିଛି। ହେଲେ ଉକ୍ତ ଅଞ୍ଚଳଠାରୁ ଭଣ୍ଡାରିପୋଖରୀ ଥାନା ପ୍ରାୟ ୨୦ କି.ମି. ଦୂର ହେଉଥିବାରୁ ପାଟ୍ରୋଲିଂ ବ୍ୟବସ୍ଥା ହେଉନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଖଡ଼ିପଦାଠାରେ ଏକ ଫାଣ୍ଡି ପ୍ରତିଷ୍ଠା ଦିଗରେ ବିଭିନ୍ନ ସମୟରେ ଦାବି ହେଉଛି। ଜିଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## 'କଂଗ୍ରେସର ପ୍ରଗତିକୁ ସହିପାରୁ ନାହାନ୍ତି'




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା।

ଚାନ୍ଦବାଲି,୨୫।୫ (କିଷାନ ପାତ୍ର)

କଂଗ୍ରେସକୁ ଭୋଟ ଦେଲେ ପାଣିରେ ପଡ଼ିବ ବୋଲି ସ୍ଥାନୀୟ ବିଧାୟକ ଆରୋପ ଲଗାଇଛନ୍ତି। ଚାନ୍ଦବାଲିରେ କଂଗ୍ରେସର ଦ୍ରୁତ ପ୍ରଗତିକୁ ବିଜେଡି ସହି ନ ପାରି ଏଭଳି ମନ୍ତବ୍ୟ ଦେଇଛନ୍ତି ବୋଲି ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତା ଦିଗମ୍ବର ଦାସ ଓ ଯୁବନେତା ବଦ୍ରି ନାୟକ କହିଛନ୍ତି। ବ୍ଲକ କଂଗ୍ରେସ ସଭାପତି ତ୍ରୈଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଏହି ସମ୍ମିଳନୀରେ ଯୁବନେତା ଏସ୍.କେ. କାଦିର, ସୁଦର୍ଶନ ମାହୁନ୍ତ, ଏନ୍ଏସି ସଭାପତି ବଦ୍ରୀନାଥ ନାୟକ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ବିଜେଡି ଉପରେ ବର୍ଷିଥିଲେ। ନିଜ ଦଳର ଶୋଚନୀୟ ଅବସ୍ଥା ଦେଖି ଗତ ୨/୩ଦିନ ହେଲା ବିଧାୟକ ବିଚଳିତ ହୋଇ କଂଗ୍ରେସ ପ୍ରାର୍ଥୀଙ୍କ ବିରୋଧରେ ଏପରି ଅପପ୍ରଚାର ଚଳାଇଛନ୍ତି। ସେ ଚାନ୍ଦବାଲିରେ କିଛି ବିକାଶ କରିନାହାନ୍ତି। କେବଳ ଔଷଧ ବିକଳରେ ତାଟିଆ କାମୁଡ଼ୁଛନ୍ତି। ତାଙ୍କର ଏପରି ବିବୃତ୍ତି ନିନ୍ଦନୀୟ। ତାଙ୍କ ଦଳର ବହୁ ନେତା ଭାଜପା ଓ କଂଗ୍ରେସରେ ଯୋଗ ଦେଉଥିବାରୁ ବିଧାୟକଙ୍କ ମତିଭ୍ରମ ହେଉଛି ବୋଲି ସେମାନେ କହିଥିଲେ।



ତିହିଡ଼ି ବଜାରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ତିହିଡ଼ି,୨୫।୫ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ପୋଲିସ ଓ ସିଆଇଏସ୍ଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନିର୍ବାଚନ ପୂର୍ବରୁ ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ତିହିଡ଼ି, ନନ୍ଦପୁର, ପାଳିଆ ବଜାରରେ ପ୍ରମୁଖ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଗଣ୍ଡଗୋଳ ଅଥବା ସଂଘର୍ଷରୁ ବିରତ ରହିବାକୁ ଲୋକଙ୍କୁ ପରୋକ୍ଷରେ ଚେତାବନୀ ଦିଆଯାଇଛି। ଆସନ୍ତା ୧ ତାରିଖରେ ହେବାକୁ ଥିବା ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବାକୁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଛି। ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଚେତାବନୀ ଦେବା ସହ କୌଣସି ସ୍ଥାନରେ ଗଣ୍ଡଗୋଳ ହେଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ କୁହାଯାଇଛି। ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ନେତୃତ୍ୱରେ ଏସ୍ଆଇ ପ୍ରବୀଣ ଗିରି, ଏଏସ୍ଆଇ ପାର୍ଥସାରଥି ବେହେରା ପ୍ରମୁଖଙ୍କ ସହ ସିଆଇଏସ୍ଏଫ୍‌ର ଯବାନମାନେ ଫ୍ଲାଗମାର୍ଚ୍ଚରେ ସାମିଲ ଥିଲେ।

## ସରିଲା ଷୋଳମପୁର ନାଟକ ମହୋତ୍ସବ

ଭଣ୍ଡାରିପୋଖରୀ,୨୫।୫(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ମା' ଶାନ୍ତେଶ୍ୱରୀ ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ଚାଲିଥିବା ନାଟ୍ୟ ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୀବ ପରିଡ଼ା, ସରପଞ୍ଚ ପରମାନନ୍ଦ ନାୟକ, ଯୁବନେତା ସୁରଥ ଦାସ, ପ୍ରତାପ ବେଉରିଆ, ଗଜେନ୍ଦ୍ର ଦାସ, ମାଳଦା ସମବାୟ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଉତ୍କଳ କେଶରୀ ବିଶ୍ୱାଳ, ଆମ୍ ଆଦମୀ ପାର୍ଟି ବିଧାୟକ ପ୍ରାର୍ଥୀ ଦେବାଶିଷ ପାଣିଗ୍ରାହୀ, ଭାଜପା ନେତା ବଦ୍ରି ନାରାୟଣ ଧଳ, ପୂର୍ବତନ ସମିତିସଭ୍ୟ ବିଦ୍ୟାଧର ଜେନା, ନାଏବ ସରପଞ୍ଚ ସଙ୍ଗୀତା ଖଟୁଆ, ନାଟ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ ନାୟକ, ରାମଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ପରିଷଦ ପକ୍ଷରୁ ପ୍ରଥମ ରଜନୀରେ 'ଜନମ ନେଇଛି କାନ୍ଦିବା ପାଇଁ' ଓ ଦ୍ୱିତୀୟ ରଜନୀରେ 'ଅଧା ରହିଗଲା ସପନ ମୋର' ନାଟକ ପରିବେଷଣ କରାଯାଇଥିଲା। କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିର ପ୍ରଚାର ଗାଡ଼ି ଭଙ୍ଗାରୁଜା

ବାସୁଦେବପୁର, ୨୫।୫ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୧୭ ନଂ. ୱାର୍ଡରେ ଶନିବାର ପୂର୍ବାହ୍ନରେ ବିଜେଡିର ଏକ ପ୍ରଚାର ଗାଡ଼ିକୁ ୨ଜଣ ଯୁବକ ଭଙ୍ଗାରୁଜା କରିଛନ୍ତି। ଏଥିସହ ପ୍ରଚାର ଗାଡ଼ିରେ ଲାଗିଥିବା ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କ ବ୍ୟାନର ସେମାନେ ଚିରି ଦେଇଛନ୍ତି। ଗାଡ଼ିରେ ଥିବା ମାଇକ୍ ମଧ୍ୟ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ଜଣାପଡ଼ିବା ପରେ ଏଠାରେ ଉତ୍ତେଜନା ଦେଖାଦେଇଛି। ପ୍ରଚାର ଗାଡ଼ିର ଡ୍ରାଇଭର ସର୍ବେଶ୍ୱର ବେହେରା ଏନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ରାସ୍ତାରେ ପଡ଼ି ମୃତ୍ୟୁ, ଅଂଶୁଘାତ ସନ୍ଦେହ

ବାଲିଆପାଳ/ ଲଙ୍ଗଳେଶ୍ୱର, ୨୫।୫ (ଗୋପାଳ ଚନ୍ଦ୍ର ସାହୁ/କମଳାକାନ୍ତ ଦାସ)

ବାଲିଆପାଳ ଥାନା ଘଣ୍ଟିଆଡ଼ି ଗ୍ରାମର ରଘୁନାଥ ଦଳେଇ (୫୬) ସିମୁଳିଆ ମାର୍କେଟରୁ ଜିନିଷ ପତ୍ର କିଣି ଘରକୁ ଫେରୁଥିବା ବେଳେ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ରଘୁନାଥଙ୍କୁ ଇଡ୍‌କୋ ଛକ ସ୍ଥିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ରଘୁନାଥଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରୁ ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶ୍ୱଶୁରଙ୍କ ସହ ଶତ୍ରୁତାରୁ ଜ୍ୱାଇଁଙ୍କୁ ହତ୍ୟା ଉଦ୍ୟମ

### ୨ ଭାଇ ଗିରଫ

ତିହିଡ଼ି,୨୫।୫(ସଞ୍ଜିତ ବଳ)

ଶ୍ୱଶୁରଙ୍କ ସହ ଜମିଜମା ଶତ୍ରୁତାରୁ ଜ୍ୱାଇଁଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ବାରୋ ପଞ୍ଚାୟତର ମହାଦେବଡିହଠାରେ ଜ୍ୱାଇଁ ଜୟୀରାମ ସୂତାରଙ୍କୁ ହତ୍ୟା ଉଦ୍ୟମ ନେଇ ଶ୍ୱଶୁର ଶାସନଖାସ ଗ୍ରାମର ବୃନ୍ଦାବନ ମଲିକ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୪୨/୨୪) ରୁଜୁ କରି ଅଭିଯୁକ୍ତ ଉକ୍ତ ଗ୍ରାମର ୨ ଭାଇ ଅଭିମନ୍ୟୁ ମଲିକ ଓ ଅନିରୁଦ୍ଧ ମଲିକଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟଚାଲାଣ କରିଛି। ବୃନ୍ଦାବନ ଅଭିଯୋଗ କରିଛନ୍ତି ଯେ, ଜମିଜମାକୁ ନେଇ ଦୀର୍ଘ ୨୦ ବର୍ଷ ହେଲା ଅଭିମନ୍ୟୁ ଓ ଅନିରୁଦ୍ଧଙ୍କ ବାପାଙ୍କ ସହ ତାଙ୍କର ଶତ୍ରୁତା ରହିଛି। ଗୁରୁବାର ଅପରାହ୍ନରେ ଜ୍ୱାଇଁ ଜୟୀରାମ ତାଙ୍କ ସାଙ୍ଗଙ୍କ ସହ ଏକ ବାଇକ୍‌ରେ ଶ୍ୱଶୁର ଘରକୁ ଯାଉଥିବା ବେଳେ ଅଭିମନ୍ୟୁ, ଅନିରୁଦ୍ଧ ଏବଂ ସେମାନଙ୍କ ବାପା ମହାଦେବଡିହଠାରେ ତାଙ୍କୁ ଭୁଜାଲି ଦେଖାଇ ଅଟକାଇଥିଲେ। ଜୟୀରାମ ବାଇକ୍ ରଖିବା ପରେ ସେମାନେ ତାଙ୍କୁ ବାଇକ୍‌ରୁ ଘୋଷାଡ଼ି ନେଇ ଭୁଜାଲି ଓ ବିଅର ବୋତଲରେ ହତ୍ୟା ଉଦ୍ୟମ କରିଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୟୀରାମଙ୍କୁ ଶ୍ୱଶୁର ଘର ଲୋକେ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ୫ କେଜି ଗଞ୍ଜେଇ ଜବତ, ୩ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ବାସୁଦେବପୁର, ୨୫।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ଛକ ନିକଟରୁ ଶନିବାର ପୋଲିସ ୫ କେଜି ଗଞ୍ଜେଇ ଜବତ କରିବା ସହ ଗୋଟିଏ ବାଇକ୍ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସୋର ଥାନା ଅଧୀନ ପଠାଣମହଲା ଗ୍ରାମର ଜାକୀର ହୋସେନ ଚୌଧୁରୀ(୪୫), ଅଡ଼ଙ୍ଗ ବଜାର ଗ୍ରାମର ସେକ୍ ଫୟାଜୁଦ୍ଦିନ(୫୧) ଓ ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବିକାଶ କର(୪୫)। ଶନିବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ୩ ଜଣ ଚୋରା ଗଞ୍ଜେଇ ନେଇ ଯାଉଥିବା ବେଳେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଓ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ସଦଳବଳ ଚଢ଼ାଉ କରିଥିଲେ। ଏନେଇ ଶନିବାର ଅପରାହ୍ନରେ ବାସୁଦେବପୁର ଥାନାରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଏସ୍‌ଡିପିଓ ଓ ବାସୁଦେବପୁର ଆଇଆଇସି ସୂଚନା ଦେଇଛନ୍ତି।

## ଦଳୀୟ ଅବହେଳା ପାଇଁ ଭାଜପା ଛାଡ଼ିଲି: ପ୍ରଦୀପ




ଖବରଦାତା ସମ୍ମିଳନୀରେ ଡା. ପ୍ରଦୀପ ନାୟକଙ୍କ ସହ ବିଧାୟକ ପ୍ରଫୁଲ୍ଲ ସାମଲ ଓ ବିଜେଡି ନେତା।

ଭଦ୍ରକ,୨୫।୫(ସନାତନ ରାଉତ)

୨୦୧୪ ଓ ୨୦୧୯ରେ ଦୁଇଥର ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇ ଭୋଟ ପ୍ରତିଶତ ବଢ଼ାଇଥିଲେ। ସଙ୍ଗଠନକୁ ସୁଦୃଢ଼ କରିବା ସହ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଭଲ ଫଳ ମିଳିଥିଲା। ସଙ୍ଗଠନ ତାଙ୍କ ସହ ଥିବାବେଳେ କୌଣସି ତ୍ରୁଟି ନ ଥାଇ ଏଥର ନିର୍ବାଚନରେ ତାଙ୍କୁ ଟିକେଟ୍ ମିଳିଲା ନାହିଁ। ଏହାକୁ ସେ ବିରୋଧ କରି ନ ଥିଲେ ମଧ୍ୟ ଦଳ ପକ୍ଷରୁ ତାଙ୍କୁ ଗୁରୁତ୍ୱ ଦିଆଗଲା ନାହିଁ। ଦଳୀୟ ଅବହେଳା ପାଇଁ ଭାଜପା ଛାଡ଼ିଲେ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ପ୍ରଦୀପ ନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସେ ଗୁରୁବାର ଭାଜପାରୁ ଇସ୍ତଫା ଦେବା ପରେ ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତ୍ରଣରେ ସେ ବିଜେଡିରେ ଯୋଗ ଦେଇଛନ୍ତି। ପ୍ରଦୀପ ବିଜେଡିରେ ଯୋଗଦେବା ପରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳ ଆହୁରି ସୁଦୃଢ଼ ହୋଇପାରିବ ବୋଲି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୌରାଧକ୍ଷା ଗୁଲମକ୍କୀ ହବିବ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## 'ଉତ୍ତମ ରାଷ୍ଟ୍ର ଗଠନରେ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭଦ୍ରକ, ୨୫।୫ (ରବିନାରାୟଣ ଖିଲାର/ସନାତନ ରାଉତ)

ପ୍ରତ୍ୟେକ ନାଗରିକ ନିଜ ବିଚାରଧାରାରେ ଚଳିତ ନିର୍ବାଚନରେ ରାଷ୍ଟ୍ରୀୟ ଚିନ୍ତାଧାରାର ନେତାଙ୍କୁ ଭୋଟ ଦେବା ଉଚିତ। ଉତ୍ତମ ରାଷ୍ଟ୍ର ଗଠନରେ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଗଣତନ୍ତ୍ର ପର୍ବରେ ରାଷ୍ଟ୍ରର ହିତ ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ଶନିବାର ଭଦ୍ରକ କୁଆଁସ୍ଥିତ ସାଧନା ପୀଠରେ ସାଧନା ସାହିତ୍ୟ ଏକାଡେମୀ ଦ୍ୱାରା ଅନୁଷ୍ଠିତ ମାସିକ ସାହିତ୍ୟ ଆସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏକାଡେମୀର ସାଧାରଣ ସମ୍ପାଦକ ତଥା ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରି ମହାପାତ୍ରଙ୍କ ସଂଯୋଜନା ଏବଂ କାର୍ଯ୍ୟକାରୀ ସଭାପତି ଇଂ. ଅଭୟ ସୂତାରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଆଦର୍ଶ ଶିକ୍ଷୟିତ୍ରୀ ତଥା ଏକାଡେମୀର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଧର୍ମପତ୍ନୀ ଉର୍ମିଳା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଏଥିସହ ଧାମନଗର ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ବିଜୟ ପାଇଁ ଆଶୀର୍ବାଦ କାମନା କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏକାଡେମୀର ସଭାପତି ସୂର୍ଯ୍ୟବଂଶୀ ଭିଡିଓ କନ୍‌ଫରେନ୍ସରେ କହିଥିଲେ, ଦେଶ ଓ ରାଜ୍ୟକୁ ବିକାଶଶୀଳ କରିବା ପାଇଁ ଉତ୍ତମ ପ୍ରାର୍ଥୀ ଚୟନ କରିବାକୁ ଏବେ ପ୍ରତ୍ୟେକ ନାଗରିକଙ୍କ ନିମନ୍ତେ ଠିକ୍ ସମୟ ଆସିଛି।

ଏହି ଅବସରରେ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ଏବଂ କବୟିତ୍ରୀ ସଂଯୁକ୍ତା ବଳଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ରାମଚନ୍ଦ୍ର ପଣ୍ଡା, ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ଗଗନ ବିହାରୀ ରାଉତ, ବିଭୂତି ଭୂଷଣ ସେନାପତି, ଶାନ୍ତନୁ ରାଉତ, ଗୀତାରାଣୀ ଆଇଚ, ନାଟ୍ୟଶ୍ରୀ ନିର୍ମଳ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଉମାକାନ୍ତ ରାଉଳ, ଅଶୋକ ଖିଲାର, ପଣ୍ଡିତ ସଞ୍ଜୟ ପାଢ଼ୀଶର୍ମା, ମିତାସ୍ମିତା ବଳ, କଳ୍ପନା ଜେନା, ରଶ୍ମିତା ଦାଶ, ସୁମିତ୍ରା ପାଣି, ଜାନକୀ ପାଢ଼ୀ, ନାରାୟଣ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏକାଡେମୀର ସାଂସ୍କୃତିକ ସମ୍ପାଦିକା ରଶ୍ମିତା ଦାଶ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ବାତ୍ୟା ଭୟ, କୂଳରେ ହାଇଆଲର୍ଟ

ଭୋଗରାଇ, ୨୫।୫(ପ୍ରଦୀପ ଦାସ)



ମଧ୍ୟ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ରେମାଲ' ଅଧିକ ଘନୀଭୂତ ଓ ଶକ୍ତିଶାଳୀ ହୋଇ କୂଳ ଆଡକୁ ଘଣ୍ଟାକୁ ୧୭କି.ମି. ବେଗରେ ଉତ୍ତର ପୂର୍ବ ଅଗ୍ରସର ହେଉଥିବା ଓଡିଶା ଏବଂ ପଶ୍ଚିମବଙ୍ଗ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏଭଳି ସ୍ଥିତିରେ ୨ ରାଜ୍ୟ ପ୍ରଶାସନ ବାତ୍ୟା ମୁକାବିଲା ନିମନ୍ତେ ଜରୁରୀକାଳୀନ ଭିତ୍ତିରେ ବ୍ୟାପକ ପ୍ରସ୍ତୁତି କରିଛି। ଏହି ବାତ୍ୟା ଓଡିଶାକୁ ବିଶେଷ ପ୍ରଭାବିତ କରି ନ ପାରେ ବୋଲି ଜଳବାୟୁ ବୈଜ୍ଞାନିକମାନେ ଆକଳନ କରି କହୁଥିବା ବେଳେ ଓଡିଶାର ବାଲେଶ୍ୱର, ଭଦ୍ରଖ, କେନ୍ଦ୍ରାପଡା ଓ ମୟୂରଭଞ୍ଜ ଜିଲାରେ ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ସହିତ ଝଟ୍‌କା ପବନ ବହିବ ବୋଲି ସୂଚନା ମିଳିଛି।

ଜଳବାୟୁ ବୈଜ୍ଞାନିକ ସୂଚନା ଆଧାରରେ ସ୍ୱତନ୍ତ୍ର ରିଲିଫ କମିଶନର ଜିଲା ପ୍ରଶାସନକୁ କଡା ସତର୍କତା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ରବିବାର ମଧ୍ୟରାତ୍ରିରେ ପଶ୍ଚିମବଙ୍ଗ ସାଗରଦୀପ ଅତିକ୍ରମ କରି ବାଂଲାଦେଶ ଖେପୁପଡାରେ କଚାଡି ହୋଇପଡିବା ସହିତ ଉତ୍ତର ପଶ୍ଚିମବଙ୍ଗକୁ ମୁହାଁଇବ ବୋଲି ଗଣମାଧ୍ୟମ ସୂଚନା ଦେଉଥିବା ବେଳେ ଓଡିଶା ଓ ପଶ୍ଚିମବଙ୍ଗ ଜିଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ଉପକୂଳ ଉଦୟପୁର, ତାଳସାରୀ, ବିଚିତ୍ରପୁର, ଚୌମୁଖ, ଡଗରା, ବାହାବଳପୁର, କଷାଫଳ, ଚାନ୍ଦିପୁର ଓ ଗୋପାଳପୁର ସହିତ ପଶ୍ଚିମବଙ୍ଗ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣୀ, ପେଟୁଆ, ସାଗରଦୀପ ଆଦି ମତ୍ସ୍ୟ ଅବତରଣ କେନ୍ଦ୍ରରେ ଡାକବାଜି ଯନ୍ତ୍ର ଦ୍ୱାରା ମତ୍ସ୍ୟଜୀବୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ବାଲେଶ୍ୱର ଏବଂ ପଶ୍ଚିମବଙ୍ଗ ଉପକୂଳ ଶନିବାର ମଧ୍ୟାହ୍ନରୁ ଆକାଶ ମେଘାଛନ୍ନ ଓ ବର୍ଷା ଆରମ୍ଭ ହୋଇଛି। ଦୀଘାରେ ଏନ୍‌ଡିଆରଏଫ୍ ପକ୍ଷରୁ ସମୁଦ୍ର ତଟରେ ରଶି ବାନ୍ଧି ପର୍ଯ୍ୟଟକଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଉଛି। ଦୀଘା ଉପକୂଳରେ ପ୍ରଶାସନ ହାଇଆଲର୍ଟ ଜାରି କରିଥିବା ବେଳେ ପାରାଦ୍ୱୀପ-ହଳଦିଆ ବନ୍ଦରରୁ ତଟରକ୍ଷୀ ବାହିନୀକୁ ସମୁଦ୍ରରେ ସତର୍କ ରହିବାକୁ କୁହାଯାଇଛି। ସମୁଦ୍ରର ଉତ୍ତାଳ ଢେଉ କୂଳଆଡକୁ ମାଡିଆସି ତଟ ସୁରକ୍ଷା ପଥର ବନ୍ଧରେ ମାଡ କରୁଛି। ଗଭୀର ସମୁଦ୍ରରେ ମାଛମାରିବାକୁ ଯାଇଥିବା ବଡ ଟ୍ରଲର ଓ ଛୋଟ ଡ଼ଙ୍ଗା କୂଳକୁ ଫେରି ସୁରକ୍ଷା ସ୍ଥାନରେ ମତ୍ସଜୀବୀମାନେ ରଖିଛନ୍ତି ।

■୨ ରାଜ୍ୟରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍
■ଦୀଘାରେ ପହଞ୍ଚିଲେଣି ଏନଡିଆରଏଫ୍
■ପାରାଦୀପ-ହଳଦିଆବନ୍ଦର ତଟରକ୍ଷୀ ବାହିନୀ ସଜାଗ
■ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

## ପାତ୍ରପଡାରେ ବିଜେଡିର ମାରାଥନ ପ୍ରଚାର



ନିର୍ବାଚନୀ ପ୍ରଚାରରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ।

ବାଲେଶ୍ୱର, ୨୫।୫(ମାନସ ବିଶ୍ୱାଳ)

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ୨୬ନଂ. ଜୋନ୍‌ର ପାତ୍ରପଡ଼ା ପଞ୍ଚାୟତରେ ବିଜେଡିର ମାରାଥନ୍ ନିର୍ବାଚନୀ ପ୍ରଚାର କରାଯାଇଛି। ଏମ୍‌ପି ପାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଏବଂ ବିଧାୟକ ସ୍ୱରୂପ ଦାସ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସୁଶାସନକୁ ପୁଣି ଥରେ ଓଡ଼ିଶାରେ ସୁନିଶ୍ଚିତ କରିବା ପାଇଁ ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ପ୍ରାର୍ଥୀଙ୍କୁ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ସଦର ବ୍ଲକ ଅଧ୍ୟକ୍ଷ ସୁନୀତା ବେହେରା, ସରପଞ୍ଚ ଅଞ୍ଜନା ଦାସ, ସହିତ ସଭ୍ୟା ଆରତୀ ମାଝି ଏବଂ ଓଡ଼ିଆ ଅଭିନେତା ଶୁଭାଶିଷ, ଅଭିନେତ୍ରୀ ଲିପ୍‌ସା ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

## ସଂକ୍ଷେପରେ

### ରମଧା ଶାସନରେ ପ୍ରଭୁ ନୃସିଂହଙ୍କ ପୂଜା



ବାହାନଗା, ୨୫।୫(ଅରୂପ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତର ରମଧା ଶାସନରେ ପ୍ରଭୁ ନୃସିଂହଙ୍କ ପୂଜା ପାଳନ ହୋଇଛି। ଏହି ପୂଜା ଶାସନର ୧୯୯୪ମସିହାଠାରୁ ସ୍ୱାଗତବୃନ୍ଦାବନ ନନ୍ଦ ଏବଂ ଗୁରୁପ୍ରସାଦ ଦାଶ ଆରମ୍ଭ କରିଥିଲେ। ଚଳିତବର୍ଷ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ସେବେଠାରୁ ପୂଜା ପାଳନ କରାଯାଉଛି। ଶୁକ୍ରବାର ସକାଳେ ପ୍ରଥମେ ଗ୍ରାମର ଥିବା ସାଆନ୍ତାଣି ପୋଖରୀରେ ଘଟ ଉତ୍ତୋଳନ କରାଯାଇଥିଲା। ମୁଖ୍ୟକର୍ତ୍ତା ଭାବେ ଚିତ୍ତରଞ୍ଜନ ଦାଶ, ତିଳୋତ୍ତମା ଦାଶ କାର୍ଯ୍ୟ ତୁଲାଇବା ସହିତ ଉଭୟ ଦମ୍ପତି ଘଟ ଉତ୍ତୋଳନ କରିଥିଲେ। ମୁଖ୍ୟ ପଣ୍ଡିତ ଭାବେ ବିଜୟ କୁମାର ତ୍ରିପାଠୀ, ରଘୁନ ଦାଶଙ୍କ ଦ୍ୱାରା ନୃସିଂହଙ୍କର ଷୋଡଶ ଉପଚାର ପୂଜା, ସୂର୍ଯ୍ୟ ପୂଜା, ଗୁରୁପୂଜା ଆଦି କରାଯାଇଥିଲା। ସନ୍ଧ୍ୟାରେ ଠାକୁରଙ୍କଠାରେ ଆଳତୀ ସମେତ ସାଂସ୍କୃତିକ ଭଜନ ସମାରୋହ କରାଯାଇଛି। ଏଥିରେ ପଣ୍ଡିତ ପରେଶ ଚନ୍ଦ୍ର ଦାଶ, ଅମରେନ୍ଦ୍ର ରଥ, ଭକ୍ତରଞ୍ଜନ ଦାଶ ପ୍ରମୁଖଙ୍କ ଦ୍ୱାରା ଷୋଡଶ ଉପଚାର ପୂଜା ନ୍ୟାସ , ସନ୍ଧ୍ୟାରେ ଆଳତୀ ଦର୍ଶନ ସହିତ ଯଜ୍ଞର ପୂର୍ଣ୍ଣାହୂତି କରାଯାଇଥିଲା। ଏହି ପୂଜା ଦେଖିବା ପାଇଁ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କର ଭିଡ ଲାଗି ରହିବାର ଦେଖାଯାଇଥିଲା।

## 'ନିର୍ବାଚନ ଓ ଆମେ' ଶୀର୍ଷକ ଆଲୋଚନାଚକ୍ର

### ଦେବର୍ଷି ନାରଦ ଜୟନ୍ତୀ ପାଳନ

ରେମୁଣା, ୨୫।୫(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ହାଇସ୍କୁଲ ପରିସରରେ ରେମୁଣା ସାମ୍ବାଦିକ ସଂଘ ପକ୍ଷରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯାଇଛି। ସଂଘ ସଭାପତି ଲକ୍ଷ୍ମୀଧର ଗାଆଣ ଅଧ୍ୟକ୍ଷତା କରିଥିବା ବେଳେ 'ନିର୍ବାଚନ ଓ ଆମେ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ସୁରେଶ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥି ଭାବେ ସାହିତ୍ୟିକ ଡ. ନରୋତ୍ତମ ପରିଡ଼ା, ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ, ବରିଷ୍ଠ ଖବରଦାତା ବିଧାନ ଚନ୍ଦ୍ର ରାୟ ଓ ରବୀନ୍ଦ୍ର ମହାକୁଡ଼ ଯୋଗଦେଇ ଦେଶର ନିର୍ବାଚନ ରୂପକ ଗଣ ପର୍ବ ଅର୍ଥ ସର୍ବସ୍ୱ ହୋଇଚାଲିଛି। ଉପହାର ଓ ଗ୍ୟାରେଣ୍ଟିଯୁକ୍ତ ନିର୍ବାଚନ ଗଣତନ୍ତ୍ରର ପରିପନ୍ଥୀ। ନିର୍ବାଚନରେ ଅନେକ ଅପରାଧୀ ପ୍ରାର୍ଥୀ ହେବା ଯୋଗୁ ଲୋକମତକୁ ପ୍ରଭାବିତ କରାଯାଉଛି। ତେଣୁ ଅବାଧ, ଭୟଶୂନ୍ୟ ଓ ନିରପେକ୍ଷ ନିର୍ବାଚନ ପାଇଁ ଦଳମାନେ ଅପରାଧମୁକ୍ତ ପ୍ରାର୍ଥୀ ଛିଡ଼ା କରାନ୍ତୁ। ଅନ୍ୟପକ୍ଷରେ ତତ୍କାଳୀନ ସମୟରେ ଦେବର୍ଷି ନାରଦ କିପରି ଦେବ, ଦାନବ ଓ ମାନବଙ୍କ ମଧ୍ୟରେ ସମ୍ପର୍କ ରକ୍ଷା କରି ବିଭିନ୍ନ ସମସ୍ୟାର ସୁସମାଧାନ କରୁଥିଲେ ଏବଂ ସମସ୍ତଙ୍କର ପ୍ରିୟ ଥିଲେ। ବର୍ତ୍ତମାନର ସାମ୍ବାଦିକ ତାଙ୍କୁ ନିଜର ଆଦର୍ଶ ମାନି କାର୍ଯ୍ୟ କଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସଂଘ ସଦସ୍ୟ କଞ୍ଜମଣି ସ୍ୱାଇଁ, ପ୍ରଦୀପ୍ତ କୁମାର ମିଶ୍ର, ସୈଦନ ବିବି, ବ୍ରହ୍ମାନନ୍ଦ ଦାଶ, ସଦସ୍ୟ ଗୁରୁପ୍ରସାଦ ବାରିକ, ଆନନ୍ଦ ରଞ୍ଜନ ଜେନା, ସଦସ୍ୟା ସଂଯୁକ୍ତାରାଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

## ରାସ୍ତାରେ ପଡି ମୃତ୍ୟୁ, ଅଂଶୁଘାତ ସନ୍ଦେହ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୨୫।୫-ବାଲିଆପାଳ ଥାନା ଘଣ୍ଟିଆଡ଼ି ଗ୍ରାମର ରଘୁନାଥ ଦଳେଇ (୫୬) ସିମୁଳିଆ ମାର୍କେଟରୁ ଜିନିଷ ପତ୍ର କିଣି ଘରକୁ ଫେରୁଥିବା ବେଳେ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ରଘୁନାଥଙ୍କୁ ଇଡ୍‌କୋ ଛକ ସ୍ଥିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ରଘୁନାଥଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରୁ ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଇଣ୍ଡିଆ ମେଣ୍ଟକୁ ସମର୍ଥନ ଦେବ ଫରୱାର୍ଡ ବ୍ଲକ

ଖଇରା, ୨୫।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ଏକ ଖବରଦାତା ସମ୍ମିଳନୀ ଦଳର ଜିଲା ସହସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଦଳର କାର୍ଯ୍ୟକର୍ତ୍ତାମାନେ ପ୍ରଥମେ ନିର୍ବାଚନରେ ଲଢୁଥିବା ୨ ମୁଖ୍ୟ ରାଜନୈତିକ ଦଳ ଭାଜପା ଓ ବିଜେଡିର ଶାସନକୁ ନେଇ ବର୍ଷିଥିଲେ । ଗୋଟିଏ ଦଳ କେନ୍ଦ୍ରରେ ୯ ବର୍ଷ ଶାସନ କାଳରେ ଜାତିଧର୍ମ ନାମରେ ଦେଶକୁ ବିଭାଜନ କରୁଥିବା ବେଳେ ସରକାରୀ ସଂସ୍ଥା ଗୁଡିକୁ ଆଦାନୀ ଅମ୍ବାନି ଭଳି ସଂସ୍ଥା ମାନଙ୍କ ହାତକୁ ଟେକି ଦେଉଛନ୍ତି । ସେହିଭଳି ରାଜ୍ୟରେ ବିଜେଡି ସରକାର ୨୪ବର୍ଷ ଶାସନ କାଳରେ ଚିଟ୍‌ଫଣ୍ଡ ନାମରେ ଗରିବ ଲୋକଙ୍କୁ ଶୋଷଣ, ଖଣି, ପାଣି ଓ ଜମି ଦୁର୍ନୀତିରେ ବୁଡିରହିଥିବା ସହ ବେକାରୀ ଯୁବତୀଯୁବକମାନେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ଏଣୁ ୨ ସରକାରଙ୍କୁ ହଟାଇବାକୁ ଦଳର ନିଷ୍ପତ୍ତି କ୍ରମେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଦଳ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଦଳ ନିଷ୍ପତ୍ତି ନେଇଛି । ଉକ୍ତ ସମ୍ମିଳନୀରେ ଅନ୍ୟତମ କାର୍ଯ୍ୟକର୍ତ୍ତା ମଦନମୋହନ ବେହେରା, ନିରଞ୍ଜନ ବାରିକ, କଳ୍ପତରୁ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ, ୫ ଗିରଫ

ନୀଳଗିରି, ୨୫।୫(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଅବକାରୀ ବିଭାଗ ଏବଂ ଜଳେଶ୍ୱର ସାଟେଲାଇଟ ୟୁନିଟ୍ ନୀଳଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରି ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଳେଶ୍ୱର ସାଟେଲାଇଟ ୟୁନିଟର ଇନ୍ସପେକ୍ଟର ଲକ୍ଷସାଧବ ପ୍ରଧାନଙ୍କ ନେତୃତ୍ୱରେ ତାଙ୍କ ଟିମ୍ ନୀଳଗିରି ଘାଟଘରସାହି, ସାନଅତା, ଏବଂ ଗୁଡ଼ିଖାଣିଆ ଅଞ୍ଚଳରୁ ୯୮ଲିଟର ଦେଶୀମଦ ଜବତ କରିବା ସହ ଭବାନୀଶଙ୍କର ବେହେରା, ନରେନ୍ଦ୍ର ଧାମୁଡ଼ିଆ, ବାଞ୍ଛା ମାଝିଙ୍କୁ ଗିରଫ କରିଛି। ନୀଳଗିରି ଅବକାରୀ ଥାନା ଓଆଇସି ଜଗନ୍ନାଥ ବେହେରା ଏବଂ କର୍ମଚାରୀ ୧୪ଲିଟର ୪୦୦ମି.ଲି ବିଦେଶୀ ମଦ ଓ ୮୦ଲିଟର ୬୦୦ମି.ଲି ବିଅର ଜବତ କରିବା ସହ ୩୦୦ଲିଟର ଦେଶୀ ମଦ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଚୋରା ମଦ ବେପାରୀ ଅନନ୍ତ ନାୟକ ଓ ପ୍ରଣବ ପୃଷ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।



ଜବତ ମଦ ଓ ଗିରଫ ଅଭିଯୁକ୍ତ।

## ସିମୁଳିଆ ପାଇଁ ଇସ୍ତାହାର ଘୋଷଣା କଲେ ସୁବାସିନୀ



ଦଳୀୟ ନେତୃବୃନ୍ଦ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

ଖଇରା, ୨୫।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁ ଓ ବିଜେଡିର ବରିଷ୍ଠ ନେତାମାନେ ନିଜସ୍ୱ ଇସ୍ତାହାର ଘୋଷଣା କରିଛନ୍ତି। କୁରୁଣ୍ଟା ପଞ୍ଚାୟତର କଳିହାଠାରେ ଆୟୋଜିତ କର୍ମୀ ସମାବେଶରେ ରାଜ୍ୟ ସଂସ୍କୃତି ଓ ମାନବ ସମ୍ବଳ ବିକାଶ ସମ୍ପାଦକ ଶଶୀ କୁମାର ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସୁରେନ୍ଦ୍ର ବାରିକ, ଜ୍ୟୋତିରଞ୍ଜନ ପାଢୀ ପ୍ରମୁଖ ଇସ୍ତାହାରକୁ ଲୋକର୍ପିତ କରିଛନ୍ତି। ଇସ୍ତାହାରରେ ଦେଇଥିବା ପରିକଳ୍ପିତ ଯୋଜନା ମଧ୍ୟରେ ଜୋନ ସ୍ତରରେ ବୃଦ୍ଧାଶ୍ରମ ମହିଳାମାନଙ୍କ ପାଇଁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା, ଯୁବତୀ ଯୁବକଙ୍କ ପାଇଁ କୌଶଳ ବିକାଶ କେନ୍ଦ୍ର, ଜୋନ ସ୍ତରରେ ଇନଡୋର ଷ୍ଟାଡିୟମ, ଜିମନାସିୟମ ଓ ସୁଇମିଂ ପୁଲ, ବ୍ଲକ ସ୍ତରରେ ବୃତ୍ତି ପରାମର୍ଶ କେନ୍ଦ୍ର, ପ୍ରତି ପଞ୍ଚାୟତରେ ଡିଜିଟାଲ ଲାଇବ୍ରେରୀ ଓ ଶିଶୁ ଉଦ୍ୟାନ, ଶାରୀଶୁଆ ପାହାଡ ପାଦଦେଶରେ ଔଷଧୀୟ ବୃକ୍ଷ ଉଦ୍ୟାନ ପ୍ରତିଷ୍ଠା ଆଦି ପ୍ରତିଶ୍ରୁତି ଦିଆଯାଇଥିବା ବିଷୟରେ ନେତୃବୃନ୍ଦ ଉଲ୍ଲେଖ କରିଥିଲେ।

### ଜୋନସ୍ତରରେ ବୃଦ୍ଧାଶ୍ରମ, ବ୍ଲକସ୍ତରରେ କୌଶଳ ବିକାଶ କେନ୍ଦ୍ର

## ଭାଜପାରେ ମିଶିଲେ ବିଭିନ୍ନ ୱାର୍ଡର ସଭ୍ୟ

ଖଇରା, ୨୫।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ପଞ୍ଚାୟତରେ ଶନିବାର ଭାଜପାର ବାଇକରାଲି ଓ ବିଜୟ ସଂକଳ୍ପ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ପ୍ରତିନିଧି ଅଶୋକ ଦାସମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମାବେଶରେ ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା, ସମ୍ପଦ ଘଡେଇ, ରମାକାନ୍ତ ଶତପଥି, ନବନିଯୁକ୍ତ ମଣ୍ଡଳ କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମାଝି, ସାଧାରଣ ସମ୍ପାଦକ ନୀଳାମ୍ବର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସିମୁଳିଆ ଇତିହାସରେ କୌଣସି ବାହାର ନେତା ଜିତି ନ ଥିବା ବେଳେ ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବ ବୋଲି କହିଥିଲେ। ଏହି ଅବସରରେ ପଞ୍ଚାୟତର ଅଧିକାଂଶ ୱାର୍ଡସଭ୍ୟ ଭାଜପାରେ ଯୋଗ ଦେଇଥିଲେ।

## ଆଇନଜୀବୀ ରାଧାନାଥ ଦାସଙ୍କ ବିୟୋଗରେ ଶୋକ

ବାଲେଶ୍ୱର, ୨୫।୫(ମାନସ ବିଶ୍ୱାଳ)-ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ଆଇନଜୀବୀ ରାଧାନାଥ ଦାସଙ୍କ ବିୟୋଗରେ କଚେରୀ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରଘୁନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଇଞ୍ଚୁଡ଼ି ଗ୍ରାମରେ ଜନ୍ମଗ୍ରହଣ କରିଥିବା ଆଇନଜୀବୀ ରାଧାନାଥ ବାଲେଶ୍ୱର ସହର ମୋତିଗଞ୍ଜ ଅଞ୍ଚଳ ପୁରାତନ ଦୁଇ ଜଗନ୍ନାଥ ମନ୍ଦିର ଏବଂ ଶିବ ମନ୍ଦିରରେ ନିୟମିତ ଭାବେ ସେବା କାର୍ଯ୍ୟ କରିଆସୁଥିଲେ। ଏଥିସହିତ ଅନେକ ସାମାଜିକ ସଙ୍ଗଠନ ସହ ଜଡ଼ିତ ରହି ବିଭିନ୍ନ ସେବା ମୂଳକ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଦେହାନ୍ତ ବାଲେଶ୍ୱର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଆଇନଜୀବୀ ପର୍ଶୁରାମ ପ୍ରଧାନ କହିଥିଲେ। ଶୋକସଭାରେ ବହୁ ଆଇନଜୀବୀ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।



## ଡ. ପଙ୍କଜ କୁମାର ଓଡ଼ିଶା ବିଜ୍ଞାନ ଏକାଡ଼େମୀର ଆଜୀବନ ସଦସ୍ୟ

ବାଲେଶ୍ୱର, ୨୫।୫(ମାନସ ବିଶ୍ୱାଳ)

ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ଓଡ଼ିଶା ବିଜ୍ଞାନ ଏକାଡ଼େମୀର ଆଜୀବନ ସଦସ୍ୟ ହୋଇଛନ୍ତି ଡ. ପଙ୍କଜ କୁମାର ଜେନା। ବିଜ୍ଞାନକୁ ପ୍ରଚାର ପ୍ରସାର କରିବା ପାଇଁ ଡ. ଜେନା ଅଗ୍ନିଡ଼େଣା ନାମକ ଏକ ବିଜ୍ଞାନ ପତ୍ରିକାର ସମ୍ପାଦକ ଥିବା ବେଳେ ଉକ୍ତ ବିଜ୍ଞାନ ପତ୍ରିକାକୁ ମାଗଣାରେ ସମସ୍ତଙ୍କୁ ବାଣ୍ଟନ୍ତି।



ବାଲେଶ୍ୱର ଜିଲାକୁ ବିଜ୍ଞାନ ପ୍ରଚାର ସମିତିରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ତଥା ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ଏ ସମ୍ବନ୍ଧରେ ସରକାରଙ୍କୁ ଚିଠି କରିଛନ୍ତି। ବାଲେଶ୍ୱର ହେଉଛି ଡ. ଏପିଜେ ଅବଦୁଲ କାଲାମଙ୍କର ପ୍ରିୟ ସ୍ଥାନ। ଏଠାରେ ଡ. କାଲାମ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର ଏକ ବିଶେଷ ଅଂଶ ଆଇଟିଆର୍ ତଥା ପିଏକ୍ସଇ ବିଭାଗ ଖୋଲିଛନ୍ତି। ବାଲେଶ୍ୱର ଜିଲାକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସର୍ବଦା ଆଗକୁ ନେବା ପାଇଁ ଡ. ଜେନା ପ୍ରୟାସ ଜାରି ରଖିଛନ୍ତି। ଡ. କଲାମଙ୍କ ନାମରେ ଏକ ପ୍ଲାନେଟୋରିୟମ ଓ ବିଜ୍ଞାନ ପାର୍କ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ବିଜ୍ଞାନକୁ କେମିତି ସାଧାରଣ ଲୋକ ବୁଝିପାରିବେ ସେଥିପାଇଁ ବିଭିନ୍ନ ବିଜ୍ଞାନ ଭିତ୍ତିକ ଗଳ୍ପ ମଧ୍ୟ ଲେଖନ୍ତି। ଏପରି ଏକ ସୁଯୋଗ ପାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏଥିପାଇଁ ଡ. ଜେନା ପ୍ରଭୁ ଜଗନ୍ନାଥଙ୍କୁ ସମସ୍ତ ଶ୍ରେୟ ଦେଲା ବେଳେ ବିଜ୍ଞାନ ବିଭାଗର ସଚିବ, ଓଡ଼ିଶା ବିଜ୍ଞାନ ଏକାଡେମୀର ସେକ୍ରେଟାରୀ ଓ ସଭାପତିଙ୍କୁ ଧନ୍ୟବାଦ ଦେବା ସହ ବାଲେଶ୍ୱରବାସୀଙ୍କ ଭଲ ପାଇବା ନିକଟରେ ଚିରଋଣୀ ବୋଲି କହିଥିଲେ।

## କବିତାରେ କୋମଳ, ସମ୍ପାଦନାରେ କଠୋର ଥିଲେ ସୁନୀଲ

### 'ଭଲ କବିତାର ଖୋଜ୍' ପକ୍ଷରୁ ୭୫ତମ ଆସର

ବାଲେଶ୍ୱର, ୨୫।୫(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ବିବେକାନନ୍ଦ ମାର୍ଗସ୍ଥିତ ଏକ ଘରୋଇ ହୋଟେଲ ପରିସରରେ 'ଭଲ କବିତାର ଖୋଜ୍' ପକ୍ଷରୁ ୭୫ତମ ଆସର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କବି ସୁନୀଲ କୁମାର ପୃଷ୍ଟି ସମ୍ପାଦନା କ୍ଷେତ୍ରରେ ଥିଲେ ବେଶ୍ କଠୋର, କିନ୍ତୁ କବିତା ଓ ବ୍ୟକ୍ତିସତ୍ତାରେ ସେ ଥିଲେ ଉଦାର, କୋମଳ ଓ ଭାବପ୍ରବଣ। ନୂଆ କବିଙ୍କ ପାଇଁ ସେ ଜଣେ ପ୍ରଖର ପ୍ରେରଣାଦାୟୀ କବି ଥିଲେ। ନିଜ କବିତାରେ ରୋମାଣ୍ଟିକ ଚେତନାକୁ ଧରି ରଖୁଥିଲେ ବି ସେ ଥିଲେ ସମସାମୟିକ କବିଙ୍କଠାରୁ ଭିନ୍ନ। ପ୍ରେମ ଭଲ ପାଇବା ଓ ବିରହ ବିଷାଦକୁ ନେଇ ସେ ତାଙ୍କ କାବ୍ୟାଦର୍ଶରେ ଥିଲେ ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ ଓ ନୂଆ ଏକ ଧାରାର ପ୍ରବର୍ତ୍ତକ ବୋଲି ଉପସ୍ଥିତ କବିଗଣ ମତପ୍ରକାଶ କରିଥିଲେ।

ଏହି ଆସରରେ ପ୍ରଥମେ ଆବାହକ କୃଷ୍ଣ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ସହିତ ସୁନୀଲ ପୃଷ୍ଟିଙ୍କ ସମ୍ପର୍କରେ ନିଜସ୍ୱ ଅନୁଭବ କହିଥିଲେ। ପରେ କବି ଶ୍ରୀଦେବ, ଗାଳ୍ପିକ ଓ କବି ଗଙ୍ଗାଧର ବିଶ୍ୱାଳ, କବି ପ୍ରଶାନ୍ତ ଦାସ, କବି ସିତାଂଶୁ ଲେଙ୍କା, କବି ଓ ଗାଳ୍ପିକା ଦେବଯାନୀ ଦାସ, କବି ଶୁଭେନ୍ଦୁ ଦାସ, କବି ଓ ଅଧ୍ୟାପକ ଦିଲୀପ କୁମାର ଦାସ ଏବଂ କବି ଉତ୍ପଳ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ କବି ସ୍ୱର୍ଗତ ପୃଷ୍ଟିଙ୍କ କବିତା ବହିରୁ ଭିନ୍ନ ଭିନ୍ନ କବିତା ପାଠ କରିଥିଲେ। ପଠିତ କବିତାଗୁଡ଼ିକୁ ଉପସ୍ଥିତ କବିମାନେ ଆଲୋଚନା କରିବା ସହ କବି ସୁନୀଲଙ୍କୁ ଏ କବିତା ହିଁ ଅମର କରି ରଖିବ ବୋଲି କହିଥିଲେ। ଅନ୍ୟତମ ଆବାହକ ଉତ୍ପଳ ମହାନ୍ତି ଧନ୍ୟବାଦ ଦେଇଥିଲେ।



ସଭାରେ ଉପସ୍ଥିତ କବିଗଣ।

# ଥାନା ଘେରାଉ କଲେ ଗ୍ରାମବାସୀ

ବାରିପଦା,୨୫।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଘଟଣାରେ ପୋଲିସର ନୀରବତାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ମହିଳା ପୁରୁଷ ଉତ୍ତ୍ୟକ୍ତ ହୋଇ ଥାନା ଘେରାଉ କରିବା ସହ ପୋଲିସର କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିଛନ୍ତି। ଖବରପାଇ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଘଟଣାସ୍ଥଳରେ ପହଞ୍ଚି ଜୁନ ୫ତାରିଖ ମଧ୍ୟରେ ନାବାଳିକାଙ୍କୁ ଖୋଜି ବାହାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୮ରେ ୨ ଯୁବକ ଉକ୍ତ ନାବାଳିକାଙ୍କୁ ଘର ପାଖରୁ ଏକ ବାଇକ୍‌ରେ ବସାଇ ଅପହରଣ କରି ନେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ପରଦିନ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୧୭/୨୪) ରୁଜୁ କରି ଚୁପ୍ ବସିଥିଲା। ପରିବାର ଲୋକେ ବାରମ୍ବାର ଥାନାକୁ ଦୌଡ଼ି ନୟାନ୍ତ ହେବା ପରେ ପୋଲିସର ନୀରବତାକୁ ନେଇ ଅସନ୍ତୋଷ ତେଜିଥିଲା। ପରେ ପୋଲିସର ଅବହେଳା ନେଇ ପରିବାର ଲୋକେ ଜିଲା ଆରକ୍ଷୀ ଅଧୀକ୍ଷକ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଜିଲା ଏସ୍‌ପିଙ୍କୁ ଚିଠି ମାଧ୍ୟମରେ ଅବଗତ କରି ଚୁପ ବସିଥିଲା। ତେବେ ବାରମ୍ବାର ଅଭିଯୋଗ ପରେ ଝିଅକୁ ଗତ ବୁଧବାର ସୁଦ୍ଧା



ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

## ଅପହୃତା ନାବାଳିକାଙ୍କୁ ଉଦ୍ଧାର ଦାବି

ଫେରାଇ ଅଣାଯିବ ବୋଲି ବଡ଼ସାହି ଥାନାଧିକାରୀ ପରିବାର ଲୋକଙ୍କୁ କହିଥିଲେ। ମାତ୍ର ଝିଅକୁ ନ ପାଇ ପରିବାର ସମେତ ଶତାଧିକ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଥାନା ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଅଢ଼େଇ ଘଣ୍ଟା ଥାନା ବାରଣ୍ଡାରେ ବସି ରହିଥିଲେ। ପରିସ୍ଥିତି ଜଟିଳ ଆଡକୁ ଯିବାର ଦେଖି ଏସଡିପିଓ ଦାସ, ବୈଶିଙ୍ଗା ଓ ବେତନଟୀ ଥାନାଧିକାରୀ ବଡ଼ସାହି ଥାନାରେ ପହଞ୍ଚିଥିଲେ। ବଡ଼ସାହି ଥାନାଧିକାରୀ ଉମାଶଙ୍କର ଦାସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଆସନ୍ତା ୫ ତାରିଖ ସୁଦ୍ଧା ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୨୯ରେ ବାରିପଦା, ବାଲେଶ୍ୱର ଆସିବେ ମୋଦି

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ବାଲେଶ୍ୱର ଅଫିସ,(ମାନସ ବିଶ୍ୱାଳ), ୨୫।୫

ରାଜ୍ୟର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଞ୍ଜ ଜିଲା ବାରିପଦା ଓ ବାଲେଶ୍ୱର ଜିଲାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୯ ତାରିଖରେ ବାରିପଦାର ଐତିହାସିକ ଛଉ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଙ୍କଳ୍ପ ସମାବେଶରେ ସେ ଯୋଗଦେବେ। ଶନିବାର ରାଜ୍ୟର ୩ଟି ସଂସଦୀୟ କ୍ଷେତ୍ର ଦାୟିତ୍ୱରେ ଥିବା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂରାୱତ ଏବଂ ରାଜ୍ୟ ଭାଜପାର ନିର୍ବାଚନ ସହ ପ୍ରଭାରୀ ଲତା ଉସେଣ୍ଡି, ଜିଲା ସଭାପତି କାନ୍ଦରା ସୋରେନ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଛଉ ପଡ଼ିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲା ପ୍ରଶାସନର ଅଧିକାରୀ ଓ ଏସପି ଏସ. ସୁଶ୍ରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି । ସେହିପରି ବାଲେଶ୍ୱର ଗସ୍ତ ନେଇ ଶନିବାର ସନ୍ଧ୍ୟାରେ ସହଦେବଖୁଣ୍ଟାସ୍ଥିତ ଲୋକସଭା କାର୍ଯ୍ୟାଳୟ ମାହେଶ୍ୱରୀ ଭବନ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ନରହରିପୁର ପଡ଼ିଆରେ ଏକ ବିଶାଳ ଜନସମାବେଶକୁ ପ୍ରଧାନମନ୍ତ୍ରୀ ଅପରାହ୍ଣ ୧ଟାରେ ସମ୍ବୋଧିତ କରିବେ।


ବାରିପଦାକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ଦଳୀୟ କର୍ମକର୍ତ୍ତା ସମୀକ୍ଷା କରୁଛନ୍ତି।

# ନିର୍ବାଚନୀ ପ୍ରଚାରରେ ମିଶନ ଶକ୍ତି ଅଧିକାରୀ

ବୈଶିଙ୍ଗା,୨୫।୫(ରତନ ଦାଶ)

■ଅଭିଯୋଗ କଲେ ଭାଜପା ବିଧାୟକ ପ୍ରାର୍ଥୀ
■ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ

ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ନିର୍ବାଚନୀ ପ୍ରଚାରରେ ମିଶନ ଶକ୍ତି ଅଧିକାରୀଙ୍କ ପ୍ରତ୍ୟେକ୍ଷ ଯୋଗଦାନକୁ ନେଇ ଭାଜପା ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି ଅଭିଯୋଗ କରିଛନ୍ତି। ସେ ତାଙ୍କ ନିର୍ବାଚନ ଏଜେଣ୍ଟ ମାଧ୍ୟମରେ ଏକ ଅଭିଯୋଗ ପତ୍ର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ମିଶନ ଶକ୍ତିରେ କାର୍ଯ୍ୟରତ ମହିଳା ଅଧିକାରୀ ଖୋଲାଖୋଲି ଭାବରେ ବିଜୁ ଜନତା ଦଳ ସପକ୍ଷରେ ପ୍ରଚାର କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ବେତନଟୀ ବ୍ଲକ ମିଶନ ଶକ୍ତିରେ କାର୍ଯ୍ୟରତ ଅଧିକାରୀମାନେ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସହିତ ଭୋଟ ମାଗୁଛନ୍ତି ଓ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସେମାନେ ପ୍ରତି ଗାଁରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଭେଟି ସେମାନଙ୍କୁ ପ୍ରଲୋଭନ ଦେଖାଇବା ସହିତ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ବାଧ କରୁଛନ୍ତି। ସେମାନେ ନିଜେ ବିଜେଡିର ନିର୍ବାଚନୀ ସଭାରେ ଯୋଗଦେବା ସହ ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କୁ ବିଜେଡି ଦଳୀୟ ସଭାରେ ଯୋଗଦେବା ପାଇଁ ପ୍ରବର୍ତ୍ତାଉଥିବା ନେଇ ଦଳୀୟ ଲୋକ ଉଠାଇଥିବା କିଛି ଫଟୋ ଓ ଭିଡିଓ ଭାଇରାଲ ହେବାରେ ଲାଗିଛି।

ବିଧାୟକ ପ୍ରାର୍ଥୀ ବିଜୁଳି ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ ନିର୍ବାଚନ ଏଜେଣ୍ଟ ସନ୍ଦୀପ କୁମାର ମିଶ୍ରଙ୍କ ଜରିଆରେ ଜିଲାପାଳଙ୍କୁ ଭେଟି ଆଚରଣବିଧି ଉଲ୍ଲଙ୍ଘନ ବାବଦରେ ଅବଗତ କରାଇବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଜିଲାପାଳ ଏବାବଦରେ ସ୍ଥାନୀୟ ବିଡିଓଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି। ରିପୋର୍ଟ ପାଇଲା ପରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ବେତନଟୀ ବିଡିଓଙ୍କୁ ପଚାରିବାରୁ ଜିଲାପାଳଙ୍କ ଠାରୁ ଏନେଇ ଏକ ଇ-ମେଲ୍ ଆସିଛି, ମାତ୍ର ନିର୍ବାଚନୀ ବ୍ୟସ୍ତତା ପାଇଁ ଏହି ଘଟଣାର ତଦନ୍ତ କରାଯାଇନାହିଁ ବୋଲି କହିଛନ୍ତି। ତେବେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ସତ୍ତ୍ୱେ ଏହି ଘଟଣାର ତଦନ୍ତ ଶୀଘ୍ର ନ ହେବା ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କରଞ୍ଜିଆରେ ମତଦାନ ୬୧ ପ୍ରତିଶତ


ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ମହିଳା ଭୋଟରମାନେ।

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/
କରଞ୍ଜିଆ(କବିତା ମହାନ୍ତ),୨୫।୫

ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶନିବାର ମତଦାନ ଶେଷ ହୋଇଛି। କେନ୍ଦୁଝର ଲୋକସଭା ଆସନ ଅଧୀନ ଏହି ନିର୍ବାଚନ ମଣ୍ଡଳୀରେ ଅପରାହ୍ଣ ୫ଟା ସୁଦ୍ଧା ୬୧.୩୮ପ୍ରତିଶତ ମତଦାନ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲାରେ ତାପମାତ୍ରା ୩୮ ଡିଗ୍ରୀ ରହିଥିବା ବେଳେ ନିଜର ମୌଳିକ ଅଧିକାର ସାବ୍ୟସ୍ତ କରିବା ଓ ନେତା ବାଛିବା ପାଇଁ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବୁଥ ଗୁଡିକରେ ମତଦାନ ଜାରି ରହିଥିଲା। ମୋଟ ୧୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ୨ଲକ୍ଷ ୧୭୦ ଭୋଟର ଭୋଟ ଦେବାକୁ ଥିବା ବେଳେ ଏହି ରିପୋର୍ଟ ଲେଖାହେବା ସୁଦ୍ଧା ୧ଲକ୍ଷ ୨୨ହଜାର ୮୬୪ ଭୋଟର ମତଦାନ କରିଥିବା ସୂଚନା ମିଳିଛି। ନିର୍ବାଚନ ସମୟରେ କରଞ୍ଜିଆ କ୍ଷେତ୍ରରେ ସେଭଳି କୌଣସି ଆଇନ ଶୃଙ୍ଖଳା ପରସ୍ଥିତି ଉପୁଜି ନ ଥିବା ବେଳେ ଶାନ୍ତି ଶୃଙ୍ଖଳାର ସହିତ ମତଦାନ ହୋଇଥିବା ଜଣାପଡିଛି। ବଡ଼ଦେଉଳିରେ ରାସ୍ତା କାମ ଦାବିରେ ସ୍ଥାନୀୟ ଲୋକେ ଭୋଟଦାନରୁ ବିରତ ରହିଥିଲେ। ଉପ ଜିଲାପାଳ ପହଞ୍ଚି ବୁଝାଶୁଝା କରିବା ପରେ ଲୋକେ ଭୋଟ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୯ ନିର୍ବାଚନରେ ୧ଲକ୍ଷ ୮୬ହଜାର ୭୪୫ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୩୮ ହଜାର ୮୩୯ ଭୋଟର ମତଦାନ କରିଥିଲେ।

# ବିଜେଡିର ମାରାଥନ ପ୍ରଚାର

ବାରିପଦା,୨୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀ**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ରଞ୍ଜିତା ମାରାଣ୍ଡି ମାରାଥନ ପ୍ରଚାର ଜାରି ରଖିଛନ୍ତି। ଶନିବାର ବ୍ରାହ୍ମଣ ଗ୍ରାମରୁ ଏକ ରୋଡ୍ ଶୋ'ରେ ବାହାରି ଲୋକଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଜିଲାରେ ନିର୍ବାଚନ ପାଖେଇ ଆସୁଥିବାରୁ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେଉଛି। ଫଳରେ ମତଦାତାମାନେ ସଭାସମିତିରେ ରୁଣ୍ଡ ହେଉଛନ୍ତି । ଦଳୀୟ କର୍ମକର୍ତ୍ତ ଓ କର୍ମୀମାନେ ମତଦାତାଙ୍କୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଆଗାମୀ ଇସ୍ତାହାର ସମ୍ପର୍କରେ ବୁଝାଶୁଝା କରିବାରେ ଲାଗିଛନ୍ତି। ନେତାମାନେ ଘରକୁ ଘର ବୁଲି ପୁସିଂକାର୍ଡ ପ୍ରଦାନ କରୁଛନ୍ତି । ଏପରି ସ୍ଥଳେ ରଞ୍ଜିତା ନିର୍ବାଚନ ମଣ୍ଡଳୀରେ ବୁଲି ନିଜ ପାଇଁ ଓ ଏମପି ପ୍ରାର୍ଥୀ ତଥା ସ୍ୱାମୀ ସୁଦାମ ମାରାଣ୍ଡିଙ୍କ ପାଇଁ ଭୋଟ ଭିକ୍ଷା କରିବାରେ ଲାଗିଛନ୍ତି । ଶତାଧିକ ସମର୍ଥକଙ୍କ ଗହଣରେ ଅନୁଷ୍ଠିତ ରାଲିରେ ରଞ୍ଜିତାଙ୍କୁ ମହିଳାମାନେ ସ୍ୱାଗତ ଜଣାଇଥିଲେ।



ରୋଡ୍ ଶୋ'ରେ ବିଜେଡି ପ୍ରାର୍ଥିନୀ ରଞ୍ଜିତା ମାର୍ଣ୍ଡି।

# 'ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପ୍ରାର୍ଥୀ ପ୍ରତିଶ୍ରୁତି ଦିଅନ୍ତୁ'



ଖବରଦାତା ସମ୍ମିଳନୀରେ କମିଟିର ନେତୃବୃନ୍ଦ।

ବାଲେଶ୍ୱର, ୨୫।୫(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଷ୍ଟେଶନ ଛକସ୍ଥିତ ଷ୍ଟେଶନ କ୍ଲବ ପରିସରରେ ଜିଲା ସରକାରୀ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଅପରାହ୍ଣରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେବାକୁ ଦାବି କରିଛନ୍ତି।

ସଂଘ ସଭାପତି ନିରଞ୍ଜନ ପଣ୍ଡା ଖବରଦାତାମାନଙ୍କୁ ସମ୍ବୋଧିତ କରି ଜିଲାର ସମସ୍ତ ସରକାରୀ ପ୍ରାଥମିକ ଗୋଷ୍ଠୀ, ଉପଖଣ୍ଡ, ଜିଲା ଚିକିତ୍ସାଳୟ ଓ ମେଡିକାଲ୍ କଲେଜରେ ମଞ୍ଜୁରୀପ୍ରାପ୍ତ ସମସ୍ତ ଡାକ୍ତର, ପ୍ରଫେସର, ବିଶେଷଜ୍ଞ ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ ନିମନ୍ତେ ପ୍ରାର୍ଥୀମାନଙ୍କୁ ଅବଗତ କରାଇବା ସହ ଫକୀରମୋହନ ମେଡିକାଲ କଲେଜରେ ଶିକ୍ଷାଦାନ ପାଇଁ ସିଟ୍ ସଂଖ୍ୟା ୧୦୦ରୁ ୧୫୦କୁ ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ମେଡିକାଲ୍ କଲେଜର ସମସ୍ତ ବିଭାଗର ସ୍ନାତକୋତ୍ତର ଶିକ୍ଷାଦାନ ନିମେନ୍ତ କାର୍ଯ୍ୟାନୁଷ୍ଠାନ, ନର୍ସିଂ ଓ ଫାର୍ମାସି କଲେଜ୍ କାର୍ଯ୍ୟକ୍ଷମ କରିବା, ମାନସିକ ଓ ପୋଡ଼ି ଯାଇଥିବା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ଖୋଲିବା, ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଦ୍ଦିଷ୍ଟ ବିଭାଗଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା, ପେନସନର୍ସ କେବିନ୍ ଗୁଡ଼ିକରେ ନିୟମିତ ସମସ୍ତ ବିଭାଗର ଡାକ୍ତର ଓ ବିଶେଷଜ୍ଞ ପରିଦର୍ଶନ କରିବା, ରୋଗୀ କଲ୍ୟାଣ ସମିତିରେ କ୍ରିୟାନୁଷ୍ଠାନ କମିଟିର କମକର୍ତ୍ତାଙ୍କୁ ସଭ୍ୟ ପଦ ଦେବା, ପ୍ରତିଷ୍ଠିତ ଏମ୍‌ସ ହସପିଟାଲକୁ ପୂର୍ଣ୍ଣାଙ୍ଗ କରି ବହିର୍ବିଭାଗ ସହିତ ପ୍ରସ୍ତାବିତ ୩ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଆୟୁଷ ଓ ଇଏସ୍‌ଆଇ ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି କାର୍ଯ୍ୟକ୍ଷମ କରିବା ଭଳି ଦାବିଗୁଡ଼ିକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିନିଧିମାନେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦିଅନ୍ତୁ ବୋଲି କହିଥିଲେ। ବୈଠକରେ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ ଉପଦେଷ୍ଟା ଇଂ. ବନମାଳୀ ନାୟକ ଓ ଡ. କେଶବ ଚରଣ ପଣ୍ଡା, ସମ୍ପାଦକ (ଜନସଂପକ) ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ଖବରଦାତାଙ୍କ ପରଲୋକ

ବାରିପଦା,୨୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ବରିଷ୍ଠ ଖବରଦାତା ଅଶୋକ ପଟ୍ଟନାୟକଙ୍କ ଶନିବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦୀର୍ଘ ବର୍ଷ ହେଲା ଦୈନିକ ଖବରକାଗଜର ମୟୂରଭଞ୍ଜ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଜିଲାର ଜଣେ ବରିଷ୍ଠ ସାମ୍ବାଦିକ ଭାବେ ବେଶ ପରିଚିତ ଥିବା ବେଳେ ମେଳାପୀ ସ୍ୱଭାବର ଥିଲେ। ତାଙ୍କ ବିୟୋଗରେ ମୟୂରଭଞ୍ଜ ଜିଲାର ସାମ୍ବାଦିକତା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି କୁହାଯାଉଛି। ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାରିପଦା ବଡ଼ବଜାରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।

## ବାରିକ ସମ୍ମିଳନୀ

ବାଲେଶ୍ୱର, ୨୫।୫(ମାନସ ବିଶ୍ୱାଳ)- ବାଲେଶ୍ୱର ସହର ନୂଆବଜାରସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ନିଖିଳ ଉତ୍କଳ ବାରିକ ସମିତି ଓ ଜିଲା ବାରିକ ସମିତି ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ବାରିକ ସମିତିର ସଭାପତି ଆଇନଜୀବୀ ଅରବିନ୍ଦ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ହେମନ୍ତ ବାରିକ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ସହ ନିଜର ବୃତ୍ତିକୁ ନିଷ୍ଠାର ସହ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି କୁଳମଣି ବାରିକ ଉପସ୍ଥିତ ଥିଲେ।

# ସୁବାସିନୀଙ୍କ ରୋଡ୍ ଶୋ'ରେ ରିୟା, ଜିନା, ଶୈଳେନ୍ଦ୍ର




କାଳିପଦା, ୨୫।୫(ରାଜଶ୍ରୀ ପାଣିଗ୍ରାହୀ)-ଶନିବାର ଅପରାହ୍ଣରେ ବସ୍ତାର ବିଜେଡି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ବଣିଆଡିହା ପଞ୍ଚାୟତଠାରୁ ରୋଡ଼ ଶୋ ଚଉମୁଖ ପଞ୍ଚାୟତରେ ପହଞ୍ଚିଥିଲେ। ଏହି ରୋଡ଼ ଶୋ ପଞ୍ଚୁପାଲି, ଜମ୍ବିରାଇ, ନୂଆଗାଁ, ଜଗତିପୁର, ଅଳାଡ଼ିହା ପ୍ରତାପୁର ରତାଇ ଉଗରା ପଞ୍ଚାୟତ ଅତିକ୍ରମ କରି ଚଉମୁଖ ପଞ୍ଚାୟତରେ ପହଞ୍ଚିଥିଲେ। ସୁବାସିନୀଙ୍କ ସହିତ ସିନେ ତାରକା ରିୟା ଦେ, ଜିନା ସାମଲ, ଶୈଳେନ୍ଦ୍ର ସାମନ୍ତରାୟ ଭୋଟ ଦେବାକୁ ନିବେଦନ କରିଥିଲେ।

केन्द्रीय पेट्रोरसायन अभियांत्रिकी एवं प्रौद्योगिकी संस्थान (सिपेट)
CENTRAL INSTITUTE OF PETROCHEMICALS ENGINEERING AND TECHNOLOGY
(Dept. Of Chemicals & Petrochemicals, Ministry of Chemical and Fertilizers, Govt. of India)
Head office, T.V.K, Industrial Estate, Guindy, Chennai-600 032,
Email:academics@cipet.gov.com, www.cipet.gov.in
सिपेट CIPET
CIPET-ADMISSION IN DIPLOMA LEVEL PROGRAM FOR THE ACADEMIC YEAR-2024-25
AICTE Approved
CIPET ADMISSION TEST 2024
Apply Online : www.cipet.gov.in
Excellent Placement Record

| SL. No. | Course | Duration | Eligibility |
| --- | --- | --- | --- |
| 1. | Diploma in Plastics Mould Technology (DPMT) | 03 Years | 10th Passed or Appeared |

No Age Limit | Separate Hostel Accommodations for Boys & Girls

| महत्पूर्ण तिथियां IMPORTANT DATES | | |
| --- | --- | --- |
| | Date of opening for CAT online application submission | 26.03.2024 |
| | Date of closure for CAT Application submission | 31.05.2024 |
| | Date of CAT all over India | 09.06.2024 |
| | Date of commencement of courses | 1st Week of Aug.2024 |

Application Fee Rs.100/- for General, SC, ST & Other Cadidates
APPLY NOW : https://cipet24.onlineregistrationform.org/CIPET/
Contact: 9337784008 / 9937632279 / 7008441267 / 9778228370
CIPET: CSTS, BHUBANESWAR
S-3/79, Sec-A, Zone-B, Mancheswar Industrial Estate, Bhubaneswar – 751010,
Email: mcti@cipet.gov.in, cipetsat@gmail.com, www.cipet.gov.in

## କେନ୍ଦୁଝରରେ ଭୋଟ ଦେଲେ ପ୍ରାର୍ଥୀ ଓ ନେତା


ଆନନ୍ଦପୁର ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ


ଆନନ୍ଦପୁର ଭାଜପା ପ୍ରାର୍ଥୀ ଆଲୋକ ସେଠୀ


ପାଟଣା ଭାଜପା ପ୍ରାର୍ଥୀ ଅଖିଳ ନାଏକ


ପାଟଣା ବିଜେଡି ପ୍ରାର୍ଥୀ ଜଗନ୍ନାଥ ନାଏକ


ଆନନ୍ଦପୁର ସ୍ୱାଧୀନ ପ୍ରାର୍ଥୀ ଝାନ୍ସିରାଣୀ ଦାସ


ବିଜେଡି ଜିଲା ସଭାପତି କୁଶ ଆପଙ୍ଗ

# ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ

**କେନ୍ଦୁଝର,୨୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଲୋକସଭା କ୍ଷେତ୍ରରେ ଶନିବାର ମତଦାନ ଗ୍ରହଣ ହୋଇଛି। କିଛି ସ୍ଥାନ ଛାଡ଼ିଦେଲେ ଜିଲାରେ ମତଦାନ ଶାନ୍ତିଶୃଙ୍ଖଳାରେ ସମାପନ ହୋଇଛି। ବହୁ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ମତଦାନରେ ବିଳମ୍ବ ହୋଇଥିଲା। ଶେଷ ସମୟରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇବା ଓ ଭୋଟ ଗ୍ରହଣରେ ମନ୍ଥରତା ଯୋଗୁ କେତେକ କେନ୍ଦ୍ରରେ ଭୋଟ ଗ୍ରହଣ ରାତି ପର୍ଯ୍ୟନ୍ତ ଚାଲିଥିଲା। ଯେଉଁସବୁ ସ୍ଥାନରୁ ଇଭିଏମ୍ ଖରାପ ହେବାର ଖବର ଆସିଥିଲା ସେସବୁ ତୁରନ୍ତ ବଦଳା ଯାଇ ମତଦାନ ପ୍ରକ୍ରିୟାକୁ ସ୍ୱାଭାବିକ କରାଯାଇଥିଲା। କେନ୍ଦୁଝର ଲୋକ ସଭା ପାଇଁ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତେଲକୋଇ ବିଧାସଭା କ୍ଷେତ୍ରରେ ୭, ଘସିପୁରାରେ ୧୩, ଆନନ୍ଦପୁରରେ ୭, ପାଟଣାରେ ୧୦, ସଦରରେ ୧୦, ଚମ୍ପୁଆରେ ୧୬ଜଣ ଲଢୁଥିବା ବେଳେ ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି।

କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ୨୫୦ ନମ୍ବର ଓ ସାହାରପଡ଼ା ବ୍ଲକ୍ ଧାନବେଣି ବୁଥ୍‌ରେ ଇଭିଏମ୍ କାମ ନ କରିବାରୁ ଅଧଘଣ୍ଟା ଭୋଟଦାନ ବନ୍ଦ ରହିଥିଲା। ସଦର ନିର୍ବାଚନମଣ୍ଡଳୀ ଡିଏନ୍ ହାଇସ୍କୁଲ ବୁଥ୍ ନମ୍ବର ୨୫୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୨୨୫ ନମ୍ବର ବୁଥ୍, ଚମ୍ପୁଆ ୨୦୬, ୨୦୭ ନମ୍ବର ବୁଥ, ଆନନ୍ଦପୁର ନିର୍ବାଚନମଣ୍ଡଳୀର ୮୯ ବୁଥ୍, ରାଇସୁଆଁ ୧୩୧ ନମ୍ବର, ଆନନ୍ଦପୁର ୧୨୩, ୧୦୧, ୧୨୪, ୧୨୫ ନମ୍ବର ବୁଥ୍, କେନ୍ଦୁଝର ପୌରପାଳିକା ୨୨୩ ନମ୍ବର ବୁଥ୍, ପାଟଣା ନିର୍ବାଚନମଣ୍ଡଳୀର ୧୩୬ ବୁଥ୍, ଆନନ୍ଦପୁର ୧୫୭, ପାଟଣା ନିର୍ବାଚନମଣ୍ଡଳୀର ଧାନବେଣି ବୁଥ୍ ନମ୍ବର ୧୮୬, ତେଲକୋଇ ନିର୍ବାଚନମଣ୍ଡଳୀର ୧୨୨ ନମ୍ବର ବୁଥ, ଝୁମ୍ପୁରା ୧ ନମ୍ବର ବୁଥ୍, ଆନନ୍ଦପୁର ୧୬୨ ନମ୍ବର ବୁଥ୍, ଆନନ୍ଦପୁର ୧୦୯, ୧୨୫ ଏବଂ ୧୨୬, କେନ୍ଦୁଝର ସଦର ୨୧୪ ନମ୍ବର ବୁଥ୍, ପାଟଣା ନିର୍ବାଚନମଣ୍ଡଳୀର ୧୦୪ ନମ୍ବର ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଯୋଗୁ କିଛି ସମୟ ଭୋଟଦାନ ବନ୍ଦ ରହିଥିଲା। ସଦର ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର ୧୩୧, ଚମ୍ପୁଆ ନିର୍ବାଚନମଣ୍ଡଳୀର ୨୦୩ ନମ୍ବର ବୁଥ୍, ୨୦୭, ହରିଚନ୍ଦନପୁର ବ୍ଲକ୍‌ର ଆଖୁପାଳ ୨୫୭, ଖୁଣ୍ଟାପଡ଼ାର ୧୨୪ ନମ୍ବର ବୁଥ୍, ଆନନ୍ଦପୁର ୧୦୮, ଚମ୍ପୁଆ ୧୨ ଏବଂ ୧୩ ନମ୍ବର ବୁଥ୍‌ରେ ଏଜେଣ୍ଟ ବିଳମ୍ବରେ ପହଞ୍ଚିବାରୁ ମକ୍‌ପୋଲରେ ବିଳମ୍ବ ଯୋଗୁ ଅଧଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ପାଟଣା ନିର୍ବାଚନମଣ୍ଡଳୀର ୯୮ ନମ୍ବର ବୁଥ୍‌ରେ, ଚମ୍ପୁଆ ୨୦୬ ନମ୍ବର ବୁଥ୍, ତେଲକୋଇ ନିର୍ବାଚନମଣ୍ଡଳୀର ୧୨୯ ନମ୍ବର ବୁଥ୍ ଭିମକାଣ୍ଡରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସଦର ନିର୍ବାଚନମଣ୍ଡଳୀର ୧୩୧ ନମ୍ବର ବୁଥ୍‌ରେ ରାଇସୁଆଁ ଜଣେ ଅସୁସ୍ଥ ହୋଇପଡ଼ିଥିଲେ। ତେଲକୋଇ ନିର୍ବାଚନମମଣ୍ଡଳୀର ବାଂଶପାଳ ବ୍ଲକର ଜଳଡିହି ଗ୍ରାମବାସୀ ରାସ୍ତା ଓ ପାଣି ପାଇଁ ଭୋଟ ବର୍ଜନ କରିଥିଲେ। ବିଡିଓ ବୁଝାସୁଝା କରିବା ପରେ ଭୋଟ ଗ୍ରହଣ ହୋଇଥିଲା ବୋଲି ଉପ ଜିଲାପାଳ ତ୍ରିଲୋଚନ ମହାନ୍ତି କହିଛନ୍ତି।


ଯୋଡ଼ା ବ୍ଲକର ଏକ ବୁଥ୍‌ରେ ମତଦାନ କରିବାକୁ ଭୋଟର ଅପେକ୍ଷା କରିଛନ୍ତି।

### ଅପରାହ୍ନ ୫ ଟା ସୁଦ୍ଧା ୬୨.୪୩ ପ୍ରତିଶତ ମତଦାନ

କେନ୍ଦୁଝର ଜିଲାରେ ଶନିବାର ଅପରାହ୍ନ ୫ଟା ସୁଦ୍ଧା ଭୋଟହାର ୬୨.୪୩ ପ୍ରତିଶତ ରହିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ଇଲେକ୍ସନ ମନିଟରିଂ ସେଲ ଖୋଲାଯାଇ ଜିଲାର ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ନିରୀକ୍ଷଣ କରାଯାଇଥିଲା। ନିର୍ବାଚନ ମଣ୍ଡଳୀୱାରୀ ଅଭିଯୋଗ ଗ୍ରହଣ ନିମନ୍ତେ ଫୋନ ନମ୍ବର ମାଧ୍ୟମରେ ଲୋକଙ୍କ ଅସୁବିଧା ଗ୍ରହଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିବାରୁ ଭୋଟଗ୍ରହଣ ହାର ବଢ଼ିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଶାନ୍ତି ଶୃଙ୍ଖଳାରେ ମତଦାନ ଶେଷ

**ଘସିପୁରା,୨୫।୫(ନିରଞ୍ଜନ ସାହୁ)**

କେନ୍ଦୁଝର ଲୋକସଭା କ୍ଷେତ୍ର ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଶନିବାର ମତଦାନ ଶେଷ ହୋଇଛି। ଘସିପୁରା ନିର୍ବାଚନମଣ୍ଡଳୀରେ କାଁ ଭାଁ ଉତ୍ତେଜନା ଦେଖାଦେଇଥିବା ବେଳେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଶାନ୍ତିଶୃଙ୍ଖଳାର ସହିତ ଭୋଟର ମତଦାନ କରିଛନ୍ତି। ଆନନ୍ଦପୁର ନିର୍ବାଚନମଣ୍ଡଳୀର ହେଭିୱେଟ୍ ନେତା ତଥା କଂଗ୍ରେସର ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ନିଜ ଶଙ୍ଖଣା ଗ୍ରାମ ୧୭୮ ନଂ ବୁଥ୍‌ରେ ମତସାବ୍ୟସ୍ତ କରିଥିଲେ। ଘସିପୁରା ନିର୍ବାଚନମଣ୍ଡଳୀର ହେଭିୱେଟ୍ ବିଜେଡି ନେତା ବଦ୍ରି ନାରାୟଣ ପାତ୍ର ନିଜ ଗାଁ ଗଡ଼ବାନ୍ଧଗୋଡ଼ାର ୨୮୧ ନଂ. ବୁଥ୍‌ରେ ନିଜର ମତସାବ୍ୟସ୍ତ କରିଛନ୍ତି।

## ଭୋଟଦାନରୁ ବଞ୍ଚିତ ୧୬ ବିସ୍ଥାପିତ ଗାଁ

ଯୋଡ଼ା,୨୫।୫(ମାନସ ମହାନ୍ତି): ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ଜଳସେଚନ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ୧୬ଟି ବୁଡ଼ି ଗ୍ରାମବାସୀ ଭୋଟଦାନରୁ ବଞ୍ଚିତ ହୋଇଛନ୍ତି। ଭୋଟର ତାଲିକାରେ ସେମାନଙ୍କର ନାମ ନ ପାଇ ଅସନ୍ତୋଷ ପ୍ରକାଶ କରିଥିଲେ। ବିସ୍ଥାପିତ ହୋଇ ଦୂରଦୂରାନ୍ତରୁ ଭୋଟଦେବାକୁ ଆସି ଭୋଟର କାର୍ଡ ଦେଖାଇବା ପରେ ତାଙ୍କ ନାମ ତାଲିକାରେ ନ ଥିବା ଦେଖି ନିରାଶ ହୋଇ ଫେରିଥିଲେ। ଏ ନେଇ ଦଡୁଆଁ, ଗୋବିନ୍ଦପୁର, ବିରିକଳା ଅଞ୍ଚଳର ବିସ୍ଥାପିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଇଭିଏମ୍‌ରେ ତ୍ରୁଟି, ମତଦାନରେ ବିଳମ୍ବ

**ହାଟଡିହୀ,୨୫।୫(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ଶନିବାର ୨୯୧ଟି ଭୋଟ କେନ୍ଦ୍ରରେ ଭୋଟ ଗ୍ରହଣ ହୋଇଛି। ହାଟଡ଼ିହୀ ବ୍ଲକ୍‌ରେ ୧୬୮ଟି ଭୋଟ କେନ୍ଦ୍ରରେ ଶାନ୍ତି, ଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଥିଲା। ଆରମ୍ଭରୁ ନାହା, ନୂଆରମ୍ପାସ, ବଞ୍ଜୋ, ଜାବିନୀପୁର, ମନୋହରପୁର ପ୍ରଭୃତି ସ୍ଥାନରେ ଇଭିଏମ ଅଚଳ ହେବାରୁ ଭୋଟ ଗ୍ରହଣ ବନ୍ଦ ରହିଥିଲା। ଇଭିଏମ ମେସିନ ସଜଡ଼ା ଯିବା ପରେ ୨ରୁ ୪ ଘଣ୍ଟା ପରେ ଭୋଟ ଗ୍ରହଣ ହୋଇଥିଲା। କେତେକ କେନ୍ଦ୍ରରେ ପ୍ରବଳ ଖରା ଓ ପାନୀୟ ଜଳର ବ୍ୟବସ୍ଥା ହୋଇ ନ ଥିବାରୁ ଅସନ୍ତୋଷ ଦେଖାଯାଇଥିଲା।ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ନିଜ ଗାଁ ଇଂଚୋଳରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୨୫୫ ନଂ. ବୁଥ୍‌ରେ ଭୋଟ ଦେଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଜୟଦେବ ଯେନା ଏବଂ ଭାଜପା ପ୍ରାର୍ଥୀ ଆଲୋକ ସେଠୀ, ସ୍ୱାଧୀନ ପ୍ରାର୍ଥୀ ଝାନ୍ସୀରାଣୀ ଦାସ, ବିଶ୍ୱପ୍ରତାପ ଯେନା, ବହୁଜନ ସମାଜ ପାର୍ଟିର ଦେବେନ୍ଦ୍ର ଯେନା, ଏସ୍‌ୟୁସିଆଇରୁ ନୀଳକଣ୍ଠ ଯେନାନିଜନିଜ ବୁଥ୍‌ରେ ଭୋଟ ଦେଇଥିଲେ। ନିର୍ବାଚନ ମଣ୍ଡଳୀରେ ପ୍ରାୟ ୧୨୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ, ପଦାଧିକାରୀ ନିୟୋଜିତ ହୋଇଥିଲେ। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା କହିଛନ୍ତି, ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ଶାନ୍ତି, ଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଛି। କାଁଭାଁ ଛୋଟ ମୋଟ ଅଶାନ୍ତି ହୋଇଥିଲା। ସନ୍ଧ୍ୟା ୬ଟା ୧୦ ସୁଦ୍ଧା ଭୋଟହାର ୬୫ ଶତକଡ଼ା ହୋଇଥିବା ଆନନ୍ଦପୁର ଉପଜିଲାପାଳ ଫାଲଗୁନୀ ମାଝୀ କହିଛନ୍ତି।



## ପତ୍ର ଧରି ଛିଡ଼ାହେଲେ ଭୋଟର

କେନ୍ଦୁଝର,୨୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ୨୦ ତେଲକୋଇ (ଏସଟି) ନିର୍ବାଚନମଣ୍ଡଳୀର ଶଗଡ଼ପଟା ଗ୍ରାମରେ ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରବଳ ଭିଡ଼ ଲାଗିରହିଥିଲା। ଭୋଟ ଗ୍ରହଣରେ ବିଳମ୍ବ ଯୋଗୁ ଭୋଟର ଦୀର୍ଘ ସମୟ ଲାଇନ୍‌ରେ ଅପେକ୍ଷା କରିବାକୁ ପଡ଼ିଥିଲା। ବିଶେଷ କରି ମହିଳାମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ଲୋକଙ୍କ ପାଇଁ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିବାରୁ କେତେ ଜଣ ଖରାରୁ ବର୍ତ୍ତିବା ପାଇଁ ଡାଳ ଓ ପତ୍ରକୁ ଧରି ଛିଡ଼ା ହୋଇଥିଲେ। ଅନେକେ ଆଖପାଖ ଗଛ ଛାଇରେ ଅପେକ୍ଷା କରିଥିଲେ। ଏଥିସହ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ହୋଇ ନ ଥିବାରୁ ଅନେକେ ଭୋଟର କ୍ଷୋଭ ପ୍ରକାଶ କରିଥିଲେ।



## ସଂଜ୍ଞାହୀନ ହେଲେ ଫାଷ୍ଟ ପୋଲିଂ ଅଫିସର

ପାଟଣା,୨୫।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ବଡ଼ ପାଟଣା ପଞ୍ଚାୟତ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଜଣେ ଫାଷ୍ଟ ପୋଲିଂ ଅଫିସର ଅଚେତ ହୋଇଯାଇଛନ୍ତି। ଅଚେତ ହୋଇଥିବା ଶିକ୍ଷକ ଜଣକ ହେଲେ ଭଦ୍ରକ ଜିଲା ଆଗରପଡ଼ା ଗ୍ରାମର ଜଗବନ୍ଧୁ ନାଏକ (୫୭)। ସେ ତେଲକୋଇ ବ୍ଲକ୍ ବଞ୍ଚବାହାଳୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ନିର୍ବାଚନ କାର୍ଯ୍ୟ ସରିବା ପରେ ଶନିବାର ରାତି ୯ଟାରେ ଅଚେତ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି।

## ପାଟଣାରେ ୬୫.୨୫ ପ୍ରତିଶତ ଭୋଟ ଗ୍ରହଣ

**ପାଟଣା,୨୫।୫(ବୀର କିଶୋର ଦାଶ)**

ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଶନିବାର କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ୨୭୩ଟି ବୁଥ୍‌ରେ ଶାନ୍ତି ଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଛି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୬୫.୨୫ ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ୩୮ ନମ୍ବର୍ କୁଣ୍ଡଳା ବୁଥ୍‌ରେ ଦେଢ଼ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏ ନେଇ ମତଦାତା ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ କେତେକ ବୁଥ୍‌ରେ ଘଣ୍ଟାଏ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ୧୧୭ ନମ୍ବର୍ ବୁଥ୍‌ରେ ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ୯୮ ନମ୍ବର ବୁଥ୍‌ରେ ଭାଜପା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଭୋଟ ଦେଇଥିଲେ। ଏଥିସହ କଂଗ୍ରେସ ପ୍ରାର୍ଥୀ ହୃଷୀକେଶ ନାଏକ ମଧ୍ୟ ନିଜର ମତ ସାବ୍ୟସ୍ତ କରିଛନ୍ତି। ନୂଆପଡ଼ା ଗ୍ରାମର ଗୌରୀ ମହାନ୍ତ(୭୦) ମତଦାନ କେନ୍ଦ୍ରରେ ଅଚେତ ହୋଇ ପଡ଼ିବାରୁ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କଣ୍ଟିଆପଡ଼ା ପଞ୍ଚାୟତ ମାନପୁର ବୁଥ୍‌ରେ ଜଣେ ବ୍ୟକ୍ତି ପୋଲିସ କର୍ମଚାରୀଙ୍କ ମୋବାଇଲ ଭାଙ୍ଗିବା ଓ ସରାସକୋଲା ବୁଥ୍‌ରେ ଉତ୍ତେଜନା ପ୍ରକାଶ ପାଇବାରୁ ଉଭୟ ଘଟଣାରେ ପୋଲିସ ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।


ମତାଧିକାର ସାବ୍ୟସ୍ତ କରିଥିବା ୩ ବୃଦ୍ଧା।

## ମନ୍ଥର ପରିଚାଳନାକୁ ନେଇ ଅସନ୍ତୋଷ

**ଯୋଡ଼ା,୨୫।୫(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡ଼ା ସହରରେ ଭୋଟଦାନ ଶାନ୍ତିଶୃଙ୍ଖଳାର ସହିତ ସରିଛି। ଯୋଡ଼ା ସହରରେ ଥିବା ୨୭ ବୁଥ୍‌ରେ ମତଦାନ ପାଇଁ ସକାଳ ୬ ଟା ୩୦ରୁ ଭୋଟର ଲାଇନ୍ ଲଗିଥିଲା। ମତଦାନ କେନ୍ଦ୍ରରେ ଥିବା ଅଧିକାରୀମାନଙ୍କ କାର୍ଯ୍ୟ ପରିଚାଳନା ମନ୍ଥରତା ହେତୁ ଭୋଟଦାନରେ ବିଳମ୍ବ ହୋଇଥିଲା। ଫଳରେ ଦୀର୍ଘ ସମୟ ଖରାରେ ଛିଡ଼ା ହେବାକୁ ପଡୁଥିବାରୁ ଭୋଟର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଯୋଡା ବସ୍ତି ସ୍କୁଲ୍‌ରେ ଭୋଟଦାନ ସମୟରେ ନିର୍ଦ୍ଦିଷ୍ଟ ଦଳର ପୋଲିଂ ଏଜେଣ୍ଟ ପ୍ରବେଶ ପଥରେ ଜଗି ରହି ଭୋଟରଙ୍କୁ ପ୍ରଭାବିତ କରୁଥିବା ନେଇ ଅନ୍ୟ ଦଳର ଏଜେଣ୍ଟ ବିରୋଧ କରିଥିଲେ। ଫଳରେ କିଛି ସମୟ ବାକ୍ ବିତଣ୍ଡା ହୋଇଥିଲା। ସେହିପରି ବୁଥ୍ ନଂ. ୯୯ରେ ମଧ୍ୟ ସମାନ ଅବସ୍ଥା ଘଟିଥିଲା। ଜଳହରୀ ପଞ୍ଚାୟତରେ ଥିବା ୧୩୦, ୧୩୧ ନଂ ବୁଥରେ ଭୋଟଗ୍ରହଣରେ ମନ୍ଥରତା ହେତୁ ଅସନ୍ତୋଷ ପ୍ରକାଶ ପାଇଥିଲା।

## ନୂତନ ଭୋଟରଙ୍କ ମଧ୍ୟରେ ଉତ୍ସାହ

ବଡ଼ବିଲ,୨୫।୫(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବଡବିଲ ପୌରାଞ୍ଚଳରେ ସାଧାରଣ ନିର୍ବାଚନ-୨୦୨୪ରେ ଅନେକ ନୂତନ ଭୋଟର ମତସାବ୍ୟସ୍ତ କରିଛନ୍ତି। ପ୍ରଥମ ଥର ନିଜ ନେତା ବାଛିଥିବାରୁ ଉତ୍ସାହିତ ଥିବା କହିଥିଲେ। ସେହିପରି ଚାଲିବାକୁ ସକ୍ଷମ ନ ଥିଲେ ବି ହ୍ୱିଲ ଚେୟାରରେ ବୃଦ୍ଧାବୃଦ୍ଧ ମତଦାନ କେନ୍ଦ୍ରକୁ ଯାଇ ମତ ସାବ୍ୟସ୍ତ କରିଥିବା ଦେଖିବାକୁ ମିଳିଛି। ବଡବିଲ ପୌରାଞ୍ଚଳ ବୁଥ୍ ନଂ. ୬, ୮, ୧୯, ୨୦, ୨୬ ଏବଂ ୨୭ରେ ପୋଲିଂରେ ମନ୍ଥରତା ଯୋଗୁ ସନ୍ଧ୍ୟା ୭ ଟା ପରେ ମଧ୍ୟ ମତଦାନ ଜାରି ରହିଥିଲା।

